
ବର୍ଷ-୨୬, ସଂଖ୍ୟା-୯୯
ଭୁବନେଶ୍ୱର
୧୨, ଏପ୍ରିଲ୍ ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No.99
Bhubaneswar
12 April, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ହସ୍ପିଟାଲରେ ଆଶା ଭୋସଲେ

## ବଢ଼ିଲା ମହାନଦୀ ଟ୍ରିବ୍ୟୁନାଲ ଅବଧି

ଭୁବନେଶ୍ୱର, ୧୧।୪(ମହାଭାରତ): ବଢ଼ିଲା ମହାନଦୀ ଟ୍ରିବ୍ୟୁନାଲ ଅବଧି। ୨୦୨୭ ଜାନୁଆରୀ ୧୩ ଯାଏଁ ମହାନଦୀ ଟ୍ରିବ୍ୟୁନାଲ ଅବଧିକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଶନିବାର ଏହି ଅବଧିକୁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। ଏପ୍ରିଲ ୧୩ରେ ଶେଷ ହେଉଥିଲା ମହାନଦୀ ଟ୍ରିବ୍ୟୁନାଲ ଅବଧି। ଜଳ ସମ୍ପଦ ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାନୁଯାୟୀ,ଚଳିତ ମାସ ୧୩ ତାରିଖରେ ଶେଷ ହେଉଥିଲା ମହାନଦୀ ଜଳ ବିବାଦ ନ୍ୟାୟାଧିକରଣର ସମୟସୀମା। ନ୍ୟାୟାଧିକରଣଙ୍କ ଅବଧି ବୃଦ୍ଧି ପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ତରଫରୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଥିଲା। ମହାନଦୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଇଚ୍ଛା ଶକ୍ତି ନାହିଁ ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି । ସେ କହିଛନ୍ତି ଯେ, ୨୦୧୮ ରେ ଟ୍ରିବୁନାଲ ଗଠନ ହେଲା।

### ଆତଙ୍କବାଦୀ ସଂଗଠନ ସହିତ ସଂପର୍କ ଅଭିଯୋଗ

# ଭୁବନେଶ୍ୱରରୁ ଯୁବକଙ୍କୁ ଗିରଫ କଲା ଦିଲ୍ଲୀ ପୁଲିସ



ଭୁବନେଶ୍ୱର, ୧୧।୪(ମହାଭାରତ):ଆତଙ୍କବାଦୀ ସଂଗଠନ ସହିତ ସଂପର୍କ ଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଭୁବନେଶ୍ୱରରୁ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ନାଁ ଶେଖ ଇମ୍ରାନ ଓରଫ ଏସ୍.କେ ଇମ୍ରାନ। ତାଙ୍କୁ ୨୨ ବର୍ଷ ହୋଇଛି। ତାଙ୍କ ଘର ଭୁବନେଶ୍ୱରର ଗଙ୍ଗନଗର ଅଞ୍ଚଳରେ।

କମିଶନରେଟ୍ ପୁଲିସ୍ ସହାୟତାରେ ଗତକାଲି ଦିଲ୍ଲୀ ପୁଲିସ୍ ଶେଖ ଇମ୍ରାନଙ୍କୁ ଗିରଫ କରିଥିଲା। ତାଙ୍କୁ ଭୁବନେଶ୍ୱରର ୟୁନିଟ୍-୬ ଅଞ୍ଚଳରୁ ଗିରଫ କରାଯାଇଥିଲା। ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହଜାର କରାଯାଇଥିଲା। ଏହା ପରେ ଦିଲ୍ଲୀ ପୁଲିସ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଛି।


କମିଶନରେଟ୍ ପୁଲିସ୍ ପକ୍ଷରୁ ଜାରି କରାଯାଇଥିଲା ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ଯେ ପଚ୍ଚରାଉଚ୍ଚରା ବେଳେ ଜଣାପଡିଥିଲା ଯେ ଶେଖ ଇମ୍ରାନ ଜଣେ ବେକାର ଯୁବକ। ସେ ଏକ ମୌଳବାଦୀ ଗୋଷ୍ଠୀର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ହ୍ୱାଟ୍‌ସ ଆପ୍ ଓ ସିଗ୍‌ନାଲ୍ ଆପ୍ଲିକେସନ୍‌ସ ମାଧ୍ୟମରେ ସେ ଏହି ଗୋଷ୍ଠୀର ସଂପର୍କରେ ଆସିଥିଲେ ଯାହା ଧର୍ମ ଆଧାରରେ ଯେଉଁ ସବୁ କଥା ପ୍ରଚ୍ଚାର କରୁଛି, ତାହା ଜାତୀୟ ନିରାପତ୍ତା ପାଇଁ କ୍ଷତିକାରକ। ଏହି ପ୍ରେସ୍ ରିଲିଜ୍‌ରେ କମିଶନରେଟ୍ ପୁଲିସ ଆହୁରି ଲେଖିଛି ଯେ ଇନଷ୍ଟାଗ୍ରାମ, ଫେସବୁକ, ହ୍ୱାଟ୍‌ସ ଆପ ଓ ସିଗ୍‌ନାଲ ଆପ୍ଲିକେସନ୍‌ସରେ କରାଯାଇଥିବା ବିଭିନ୍ନ ପ୍ରକାର ମୌଳବାଦୀ ଚ୍ଚିନ୍ତାଧାରାର ପୋଷ୍ଟ ଆଧାରରେ ଦିଲ୍ଲୀ ପୁଲିସର ସ୍ୱଶାଲ ସେଲ୍ ସପ୍ତାହେ ତଳେ କିଛି ଯୁବକଙ୍କୁ ଉଠାଇ ନେଇଥିଲା। ସମସ୍ତ ଯୁବକଙ୍କୁ ଦିଲ୍ଲୀରୁ ଉଠାଯାଇଥିଲା। ସେମାନଙ୍କୁ ଜେରା କରିବା ପରେ ଓ ସେମାନଙ୍କ ସୋଶାଲ ମିଡିଆ ପୋଷ୍ଟଗୁଡିକୁ ସମୀକ୍ଷା କରିବା ପରେ ଓଡିଶା ସହିତ ଏହାର ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା ଦିଲ୍ଲୀ ପୁଲିସର ସ୍ୱଶାଲ ସେଲ୍।

ଏହି ମାମଲାରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି ଇମ୍ରାନଙ୍କ ବାପା। ସେ କହିଛନ୍ତି ଯେ ତାଙ୍କ ପୁଅ ନିର୍‌ଦ୍‌ଦୋଷ। ସେ କିଛି ଚ୍ଚାଣିନାହାନ୍ତି। ୮/୧୦ ଦିନ ତଳେ ଦିଲ୍ଲୀ ପୋଲିସ ତାଙ୍କ ସହ ଆଲୋଚ୍ଚନା କରିଥିଲା। ପୁଅକୁ ନେଇକି ଯିବେ ବୋଲି କହିଥିଲେ। ତଦନ୍ତ ପରେ ଛାଡିଦେବେ ବୋଲି କହିଥିଲେ।

ସୂଚ୍ଚନା ମୁତାବକ, କିଛିଦିନ ତଳେ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରୁ ଦିଲ୍ଲୀ ସ୍ୱସାଲ୍ ବ୍ରାଞ୍ଚ ପୁଲିସ ସଂପୃକ୍ତ ରାକେଟ୍ ସଂପର୍କରେ ସୁରାକ୍ ପାଇଥିଲା। ସେମାନେ ମେସେଞ୍ଜର ଏବଂ ହ୍ୱାଟ୍‌ସଆପ୍‌ରେ ଗ୍ରୁପ୍ କରି ଭାରତ ବିରୋଧରେ ଅପପ୍ରଚ୍ଚାର କରିବା ସହ ଲସ୍କର ସପକ୍ଷରେ ଯୁକ୍ତି ରଖୁଥିଲେ। ଖୋଳତାଡ ବେଳେ ଦିଲ୍ଲୀ ପୁଲିସ ବିହାର, ଦିଲ୍ଲୀ ଓ ୟୁପିର କିଛି ଯୁବକଙ୍କୁ କାବୁ କରି ଜେରା ବେଳେ ଇମ୍ରାନର୍ ଲିଙ୍କ୍ ମିଳିଥିଲା। ତାକୁ ଗିରଫ ପାଇଁ ଶୁକ୍ରବାର ଦିଲ୍ଲୀ ପୁଲିସ ରାଜଧାନୀରେ ପହଞ୍ଚି କ୍ୟାପିଟାଲ୍ ଥାନା ପୁଲିସ ସହାୟତାରେ ୟୁନିଟ୍-୬ରେ ଇମ୍ରାନ ରହୁଥିବା ସରକାରୀ କ୍ୱାର୍ଟର୍ସରେ ଚ୍ଚଡ଼ଉ କରି ତାକୁ ଗିରଫ କରିଥିଲା। ମାରାଥନ୍ ଜେରା ବେଳେ ଜଣାପଡିଥିଲା, ଇମ୍ରାନ୍‌ର ବାପା ସେକ୍ ଆମିର୍ ଜଣେ ସରକାରୀ ଚ୍ଚାକିରିଆ ଓ ଲୋକସେବା ଭବନରେ ଚ୍ଚତୁର୍ଥ ଶ୍ରେଣୀ କର୍ମଚ୍ଚାରୀ ଭାବେ କାମ କରନ୍ତି। ବାପାଙ୍କୁ ମିଳିଥିବା ସରକାରୀ କ୍ୱାର୍ଟର୍ସରୁ ପୁଅ ଇମ୍ରାନ ଆତଙ୍କୀ କାର୍ଯ୍ୟକଳାପ ଚ୍ଚଳାଇଥିଲା। ତା'ର ଆକାଉଣ୍ଟ ଯାଞ୍ଚବେଳେ ଦିଲ୍ଲୀ ପୁଲିସ କେତେକ ସନ୍ଦିଗ୍ଧ ଆକାଉଣ୍ଟରେ ଲକ୍ଷ ଲକ୍ଷ ଟଙ୍କା ଆସିଥିବା ଜାଣିବାକୁ ପାଇଛି। ଇମ୍ରାନର ବାପା ଓ ତାଙ୍କର କିଛି ସମ୍ପର୍କୀୟଙ୍କୁ ମଧ୍ୟ ଦିଲ୍ଲୀ ପୁଲିସ ପଚ୍ଚରାଉଚ୍ଚରା କରିବା ସହ ସେମାନଙ୍କ ଗତିବିଧି ଉପରେ ନଜର ରଖିଛି। ଉଦ୍‌ବେଗର ବିଷୟ ହେଉଛି, ରାଜଧାନୀର ଛାତି ଉପରେ ଜଣେ ସରକାରୀ କର୍ମଚ୍ଚାରୀଙ୍କ ପୁଅ ସରକାରୀ କ୍ୱାର୍ଟର୍ସରୁ ଆତଙ୍କୀ କାର୍ଯ୍ୟକଳାପ ଚ୍ଚଳାଉଥିଲା। ହେଲେ ନା କମିସନରେଟ୍ ପୁଲିସ ନା ଗୁଇନ୍ଦା ସଂସ୍ଥା, କେହି ତା' ସମ୍ପର୍କରେ ଟେର୍ ପାଇପାରିଥିଲେ।

## ଇସ୍କନ୍ ଅଦିନିଆ ରଥଯାତ୍ରା କଲେ ଆଇନର ଆଶ୍ରୟ ନିଆଯିବ: ଗଜପତି

ପୁରୀ୧୧।୪(ମହାଭାରତ):: ଇସ୍କନ୍ ସଂସ୍ଥା ଶ୍ରୀକ୍ଷେତ୍ର ମୂଳପୀଠ ପରମ୍ପରାର ବ୍ୟତିକ୍ରମ କରୁଛନ୍ତି। ଆସନ୍ତା ଡିସେମ୍ବର ସୁଦ୍ଧା ଇସ୍କନ୍ ପକ୍ଷରୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶଙ୍କରାଚ୍ଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ସହ ବହୁ ଆଚ୍ଚାର୍ଯ୍ୟ ଶାସ୍ତ୍ରୀୟ ମତ ଆଧାରରେ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥଯାତ୍ରା କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସ୍କନ୍‌ର ଅଦିନିଆ ରଥଯାତ୍ରା ରୋକିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗୁରୁ ଦାୟିତ୍ୱ ରହିଛି। ଗଜପତି ଦିବ୍ୟସିଂହ ଦେବ ବ୍ୟକ୍ତିଗତ ଭାବେ ଦୁଇ ଦିନ ତଳେ ପ୍ରଧାନମନ୍ତ୍ରୀଙ୍କୁ ଚ୍ଚିଠି ଲେଖି ଅବଗତ କରାଇଛନ୍ତି। ତା' ସହ ଇସ୍କନ୍‌ର ଅଦିନିଆ ରଥଯାତ୍ରା ନେଇ ରାଜ୍ୟବ୍ୟାପୀ ଜନସଚେତନତା ସୃଷ୍ଟି କରିବାକୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ 'ଐକ୍ୟ ସ୍ଥାପନା ମଣ୍ଡଳୀ'ର ଗୁରୁତ୍ୱପୂର୍ଣ୍ଣ ବୈଠକରେ ନିଷ୍ପତ୍ତି ନିଆଯାଇଛି।



ଗଜପତିଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ନିଷ୍ପତ୍ତି ହୋଇଛି କି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସଂସ୍କୃତି ଓ ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ସହ ଆଲୋଚ୍ଚନା କରାଯିବ। ଇସ୍କନ୍ ମାୟାପୁରୀ କର୍ତ୍ତୃପକ୍ଷଙ୍କୁ ପୁନର୍ବାର ଚ୍ଚିଠି ଲେଖାଯିବ। ସବୁପ୍ରକାର ପଦକ୍ଷେପ ସତ୍ତ୍ୱେ ଇସ୍କନ୍ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା କଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତି ଦିବ୍ୟସିଂହ ଦେବ କହିଛନ୍ତି। ଇସ୍କନ୍ ଭାରତ ଭିତରେ ଅଦିନିଆ ଜ୍ୟେଷ୍ଠ ପୂର୍ଣ୍ଣମୀ, ସ୍ନାନ ପୂର୍ଣ୍ଣମୀ ଓ ରଥଯାତ୍ରା ନ କରିବା ପାଇଁ ଲିଖିତ ଭାବେ ଜଣାଇଛି। ୨୦୨୫ ପରଠାରୁ ଇସ୍କନ୍ ଭାରତ ଭିତରେ ଏହି ତିନି ଉତ୍ସବ କରିଥିବା ଦୃଷ୍ଟିଗୋଚ୍ଚର ହୋଇନାହିଁ। କିନ୍ତୁ ଆଗକୁ ବିଶ୍ୱର ବିଭିନ୍ନ ସ୍ଥାନରେ ୮୦ଟି ଅଦିନିଆ ରଥଯାତ୍ରା ଓ ୧୦ଟି ସ୍ଥାନରେ ଅଦିନିଆ ସ୍ନାନଯାତ୍ରା ଅନୁଷ୍ଠିତ ହେବାକୁ ଯାଉଥିବା ସୂଚ୍ଚନା ମିଳିଛି।

ଏହା ବିରୋଧରେ ସମସ୍ତ ସନାତନ ପ୍ରେମୀ ସଚେତନ ହେବାକୁ ଗଜପତି ଆହ୍ୱାନ ଦେଇଛନ୍ତି। ଆସନ୍ତା ପଣା ସଂକ୍ରାନ୍ତିରୁ ଶ୍ରୀମନ୍ଦିର କ୍ୟାଲେଣ୍ଡର ପ୍ରଚ୍ଚଳିତ ହେବାକୁ ଯାଉଛି। କ୍ୟାଲେଣ୍ଡରରେ ଉଲ୍ଲେଖ ହୋଇଥିବା ତାରକା ଚ୍ଚିହ୍ନ ଅନୁସାରେ ଭାରତରେ ଥିବା ସବୁ ଜଗନ୍ନାଥ ମନ୍ଦିର ଏହା ପାଳନ କରିବା ବାଧ୍ୟତାମୂଳକ। ଭାରତ ଭିତରେ ସବୁ ଜଗନ୍ନାଥ ମନ୍ଦିର ମୂଳ ପୀଠ ବା ଶ୍ରୀମନ୍ଦିର କ୍ୟାଲେଣ୍ଡର ଅନୁସାରେ ପର୍ବପର୍ବାଣି ଓ ନୀତିକାନ୍ତି ପାଳନ କରିବାକୁ ଗଜପତି ପରାମର୍ଶ ଦେଇଛନ୍ତି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଓ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଅଣ୍ଡରପାସ୍ ଓ ହାଇଲେବୁଲ୍ ସେତୁ ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର / ଭୁବନେଶ୍ୱର, ୧୧।୪(ମହାଭାରତ): ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଟ୍ରାଫିକ୍ ଗତିକୁ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚ୍ଚରଣ ମାଝୀ ଆଜି କେନ୍ଦୁଝରର ଲଙ୍ଗଳାକାଣ୍ଟି ଠାରେ ନୂତନ ଘଏ-୨୦ର ପାଣିକୋଇଲି-ରିମୁଳି ସେକ୍ସନରେ ନବନିର୍ମିତ ଅଣ୍ଡରପାସ୍ ର ଉଦଘାଟନ କରିଛନ୍ତି।

ସୂଚ୍ଚନାଯୋଗ୍ୟ ଯେ ଏହି ଅଣ୍ଡରପାସ୍ ଘଏ-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଂଚ୍ଚଳର ଟ୍ରାଫିକ ହ୍ରାସ କରିବ।

ଲଙ୍ଗଳକଣ୍ଟିରେ ଅବସ୍ଥିତ ଏହି ଅଣ୍ଡରପାସ୍ , ଟିକିରା, ଢେଙ୍କିକୋଟ ଏବଂ ବାରବେଡା ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଏହି ଉଦଘାଟନ ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।


କେନ୍ଦୁଝର ସଦର ଅନ୍ତର୍ଗତ ବୋଦାପାଳସା ଗ୍ରାମପଂଚ୍ଚାୟତ ପାଇଲା ନୂତନ ପରିଚ୍ଚୟ ।ବହୁଦିନୁ ଏହି ଅଞ୍ଚଳ ସମେତ ଆଖପାଖ ପାଞ୍ଚଟି ପଂଚ୍ଚାୟତର ଲୋକଙ୍କ ଆଶା ଥିବା ଅରଡେଇ ନାଳ ଉପରେ ନିର୍ମାଣ ହୋଇଥିବା ପୋଲକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି



ଉଦଘାଟନ କରି ଏହାକୁ ଜନସାଧାରଣଙ୍କୁ ଉତ୍ସର୍ଗୀକୃତ କରିଛନ୍ତି ।ସୂଚ୍ଚନାଯୋଗ୍ୟ ଯେ ଏହି ପୋଲ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଅଂଚ୍ଚଳବାସୀଙ୍କ ଦୈନିନ୍ଦିନ ଗମନାଗମନର ମୁଖ୍ୟ ଧାରା ସାଜିଛି। କେନ୍ଦୁଝର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଏହି ପୋଲକୁ ଜନସାଧାରଣଙ୍କ ପାଇଁ ଉତ୍ସାର୍ଗୀକୃତ କରି କହିଛନ୍ତି ଯେ ବୋଦାପାଳସା ଗ୍ରାମପଂଚ୍ଚାୟତ ଏବଂ ଏହାର ଆଖପାଖ ଗ୍ରାମର ଲୋକଙ୍କୁ ଆଉ ଯିବା ଆସିବାରେ କୌଣସି ଅସୁବିଧା ରହିବ ନାହିଁ। ୧୦୦ ମିଟରରୁ ଉର୍ଦ୍ଧ୍ୱ ଲମ୍ବ ବିଶିଷ୍ଟ ଏହି ପୋଲ କେନ୍ଦୁଝର ସଦର ଅଞ୍ଚଳ ପାଇଁ ଏକ ନୂତନ ପରିଚ୍ଚୟ ଆଣିବ।

## ସରିଲା ବାହାର ଭଣ୍ଡାର ରତ୍ନ ଗଣତି : ସୋମବାର ଖୋଲାହେବ ଭିତର ରତ୍ନଭଣ୍ଡାର

ପୁରୀ, ୧୧।୪(ମହାଭାରତ): କଡା ସୁରକ୍ଷା ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଚ୍ଚତୁର୍ଥ ଦିନରେ ଆଜି ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତିମଣତି ଶେଷ ହୋଇଛି। ୧୯୭୮ ମସିହାର ତାଲିକା ସହ ମେଳକ କରାଯାଇଛି। ତେବେ ବାହାର ଭଣ୍ଡାର ରତ୍ନ ମେଳକ କରାଯିବା ବେଳେ କିଛି ଅଳଙ୍କାର ୧୯୭୮ ତାଲିକାଠାରୁ ଅଧିକ ବାହାରିଛି। ତାହାକୁ ୨୦୨୬ ତାଲିକାରେ ସାମିଲ କରାଯାଇଛି। ସବୁ ଅଳଙ୍କାରର ଡିଜିଟାଇଜେସନ କରାଯାଇଛି।



ଆସନ୍ତା ସୋମବାର ଭିତର ରତ୍ନ ଭଣ୍ଡାର ଖୋଲାହେବ। ଏଥିପାଇଁ ଜିଲ୍ଲା ଟ୍ରେଜେରିରୁ ଚ୍ଚାବି ଆସିବ। ପ୍ରତ୍ୟେକ ଦିନ ଜଉମୁଦ ହେବ, ଟ୍ରେଜେରିରେ ଚ୍ଚାବି ଦାଖଲ ହେବ। ତେବେ ଏହି ଗଣତିମଣତି ବେଳେ ୩ଟି ଆଇଟମ୍ ମିଳିନାହିଁ। ୧୯୭୮ ମସିହା ତାଲିକାରୁ ଅଧିକ ଅଳଙ୍କାର ମିଳିଥିଲେ ମଧ୍ୟ ତିନିଟି ଆଇଟମ୍ କୁଆଡ ଗଲା ସେନେଇ ଚ୍ଚିନ୍ତା ବିଛି। ତେବେ ଏହି ତିନିଟି ଆଇଟମ୍ ଭିତର ରତ୍ନ ଭଣ୍ଡାରରେ ଅଛି ବୋଲି ଭଣ୍ଡାର ମେକାପ ସେବକ କହିଛନ୍ତି। ସୋମବାର ଏହି ଭିତର ରତ୍ନ ଭଣ୍ଡାର ଖୋଲାହେଲେ ହଜିଥିବା ରତ୍ନ ବିଷୟରେ ଜଣାପଡିବ ବୋଲି କୁହାଯାଉଛି। ତେବେ ଏହା କି ପ୍ରକାରର ଅଳଙ୍କାର ସେ ନେଇ କମିଟିର ସଦସ୍ୟ କିମ୍ବା ମୁଖ୍ୟ ପ୍ରଶାସକ ସ୍ପଷ୍ଟ କରିନାହାନ୍ତି।

ଆଜି ବାହାର ରତ୍ନ ଭଣ୍ଡାର ଗଣତି କାର୍ଯ୍ୟ ପାଇଁ ପ୍ରାଧୀକୃତ ସଦସ୍ୟମାନେ ପୂର୍ବଦିନମାନଙ୍କ ପରି ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସଭାକକ୍ଷଠାରେ ଧାର୍ଯ୍ୟ ସମୟରେ ଉପସ୍ଥିତ ହୋଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଓ ରତ୍ନଭଣ୍ଡାର ଭଣ୍ଡାର ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ନେତୃତ୍ୱରେ ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି କରିଡା, ଏସ୍‌ପି, ଅଧିକୃତ ବରିଷ୍ଠ ଅଧିକାରୀ, ଛତିଶାନିଯୋଗ ନାୟକ, ରତ୍ନ ଭଣ୍ଡାର ସବ୍ କମିଟି ସେବକ ସଦସ୍ୟ ଏବଂ ସମସ୍ତ ସହଯୋଗୀ ପୂର୍ବାହ୍ନ ୧୦ଟା ୩୫ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ବାହାରି ୧୦ଟା ୪୧ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ସା ୧୧ଟା ବେଳେ ରତ୍ନଭଣ୍ଡାର ଦ୍ୱାର ଖୋଲାଯାଇଥିଲା, ବାହାର ରତ୍ନ ଭଣ୍ଡାରରେ ବାକି ରହିଥିବା ଗଚ୍ଛିତ ଅଳଙ୍କାରଗୁଡିକୁ ଭଣ୍ଡାର ମେକାପ ଯୋଗାଇବା ପରେ ଗଣତି ହୋଇଥିଲା। ଗଣତି ପ୍ରକ୍ରିୟା ଶେଷ ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ଦ୍ୱାର ସନ୍ଧ୍ୟା ୬ଟା ୩୫ ମିନିଟ୍‌ରେ ବନ୍ଦ କରାଯାଇ ମୁଦ ଦିଆଯାଇଛି। ପ୍ରକ୍ରିୟାରେ ସମସ୍ତ ରେକର୍ଡିଂ ଡାଟା ଚ୍ଚିପ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟ ଷ୍ଟ୍ରଙ୍ଗ ରୁମରେ ରଖାଯାଇଥିଲା। ଶୃଙ୍ଖଳାର ସହ ବାହାର ଭଣ୍ଡାର ଗଣତିମଣତି ଶେଷ ହୋଇଥିବାରୁ ସମସ୍ତ ସେବକ, ନିୟୋଜିତ ଅଧିକାରୀ ତଥା ଭକ୍ତଗଣଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

## ଆମେରିକା-ଇରାନ ଶାନ୍ତି ଆଲୋଚ୍ଚନା ଆରମ୍ଭ

ଇସଲାମାବାଦ, ୧୧।୪(ମହାଭାରତ):: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ସମାପ୍ତ କରିବା ପାଇଁ ଆଜି ପାକିସ୍ତାନର ରାଜଧାନୀ ଇସଲାମାବାଦରେ କୂଟନୈତିକ ପ୍ରୟାସ ଆରମ୍ଭ ହୋଇଛି। ତେବେ ଉଭୟ ପକ୍ଷ ମଧ୍ୟରେ ଘୋର ଅବିଶ୍ୱାସର ବାତାବରଣ ଆରମ୍ଭରୁ ଦେଖାଦେଇଛି। ଇରାନ ସୂତ୍ରରୁ ମିଳିଥିବା ସୂଚ୍ଚନା ଅନୁଯାୟୀ, ଆମେରିକା ବର୍ତ୍ତମାନ କତର ଓ ଅନ୍ୟାନ୍ୟ ବିଦେଶୀ ବ୍ୟାଙ୍କରେ ଜବତ ହୋଇ ରହିଥିବା ୬ ବିଲିୟନ ଡଲାର (ପ୍ରାୟ ୫୦,୦୦୦ କୋଟି ଟଙ୍କା) ମୁକ୍ତ କରିବାକୁ ସହମତ ହୋଇଛି। ତେବେ ଆମେରିକାର ଜଣେ ଅଧିକାରୀ ଏହି ରିପୋର୍ଟକୁ ମିଥ୍ୟା ବୋଲି କହି ପ୍ରତ୍ୟାଖ୍ୟାନ କରିଥିବା ବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ପୁଣି ଇରାନକୁ ଧମକାଇଛନ୍ତି। ଇରାନ ପାଖରେ ହର୍ମୁଜ ଖୋଲିବା ବ୍ୟତୀତ କେଣସି ବିକଳ୍ପ ନାହିଁ ଏବଂ ସର୍ତ୍ତ ଯୋଗୁଁ ବେଠକ ଭଣ୍ଡୁର ହେଲେ ଇରାନକୁ ବହୁତ କିଛି ହରାଇବାକୁ ପଡିବ ବୋଲି ଚେତାବନୀ ଦେଇଛନ୍ତି। ଆଜି ପ୍ରଥମ ପର୍ଯ୍ୟାୟ ବେଠକ ଅପରାହ୍ନ ୪ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚ୍ଚାଲିଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ବେଠକ ରାତି ସା ୮ଟାରୁ ଜାରି ରହିଥିଲା। ଦୁଇ ସପ୍ତାହର ଅସ୍ଥାୟୀ ଯୁଦ୍ଧବିରତିକୁ (ଯାହା ଏପ୍ରିଲ ୨୨ରେ ଶେଷ ହେବାକୁ ଯାଉଛି) ଏକ ସ୍ଥାୟୀ ଶାନ୍ତିରେ ପରିଣତ କରିବା ଲାଗି ଇରାନ ପ୍ରତିନିଧି ଦଳ ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟପକ୍ଷରେ ଆମେରିକା ପ୍ରତିନିଧି ଦଳର ନେତୃତ୍ୱ ନେଉଥିବା ଉପରାଷ୍ଟ୍ରପତି ଜେଡି ଭାନ୍‌ସ, ବିଶେଷ ଦୂତ ଷ୍ଟିଭ୍ ୱିଟକଫ୍ ଓ ଜେରେଡ୍ କୁସନର୍ ପ୍ରଥମେ ହର୍ମୁଜରୁ ସମସ୍ତ ଅବରୋଧ ହଟାଇବାକୁ ସର୍ତ୍ତ ରଖିଛନ୍ତି ଏବଂ ଏହି ସର୍ତ୍ତରେ ହିଁ ଯୁଦ୍ଧବିରତି ଅବଧି ବିବ ବୋଲି ସଙ୍କେତ ଦେଇଛନ୍ତି। ଇରାନକୁ ଆର୍ଥିକ ରିହାତି ମାଧ୍ୟମରେ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରୁଥିବା ଏହି ସଂଘର୍ଷର ସମାଧାନ ହୋଇପାରିବ କି ନାହିଁ, ତାହା ଏବେ ବି ଆମେରିକାର ବିଚ୍ଚାରାଧୀନ ଥିବା ବେଳେ ଏ ବାବଦରେ ଆନୁଷ୍ଠାନିକ ଘୋଷଣା ଉପରେ ସମଗ୍ର ବିଶ୍ୱର ନଜର ରହିଛି।



## ରାଜ୍ୟରେ ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୪(ମହାଭାରତ): ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଲାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି। ସେହିପରି ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ନିୟମିତ କରାଯାଇଛି।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ରାଜ୍ୟର ପ୍ରତ୍ୟେକ ପଂଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଂଚାୟତରେ ଏହାର କାମ ଆରମ୍ଭ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରାଯାଇଥିବା ବେଳେ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରିବା ପାଇଁ ୧୦ କୋଟି ଟଙ୍କା ଓ ୭ ଏକର ଜମି ଯୋଗାଣ ସମ୍ବନ୍ଧରେ ମଧ୍ୟ ଘୋଷଣା କରାଯାଇଛି।



ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି।

ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଶ୍ରୀ ଫକିର ମୋହନ ନାୟକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଶ୍ରୀମତୀ ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ଶ୍ରୀ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଶ୍ରୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ।

## ପନୀର ଭୁଜିଆ

ପନୀରକୁ ଶାକାହାରୀ ଭୋଜନରେ ବହୁତ ପସନ୍ଦ କରାଯାଏ । କାରଣ ଯେତେବେଳେ ବି କୌଣସି ସ୍ପେଶାଲ ଡ଼ିସ ପ୍ରସ୍ତୁତ କରାଯାଏ ସେତେବେଳେ ଆଗ ପନୀରକୁ ରଖାଯାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ଝଟପଟ ପସ୍ତୁତ ହେଉଥିବା ମସାଲାଦାର ପନୀର ଭୁଜିଆ ନେଇ ଆସିଛୁ । ତେବେ ଆସନ୍ତୁ ଜାଣିବା ଏହା ବନାଇବାର ପ୍ରସ୍ତୁତି ।

ଆବଶ୍ୟକ ସାମଗ୍ରୀ

ପନୀର-୧୦୦ଗ୍ରାମ,ଟମାଟୋ-୨ଟା,ପିଆଜ-୧ (ଛୋଟ କଟା ହୋଇଥିବା),କଞ୍ଚା ଲଙ୍କା-୨,ଅଦା-ଅଳ୍ପ ପେଶା ହୋଇଥିବା,ରସୁଣ-୨କୋଲା,ସୁଖିଲା ମସଲା,ଜିରା -୧/୪ ଚାମଚ,ହଳଦି-ଚିମୁଟାଏ,ଗରମ ମସଲା-୧/୨ ଚାମଚ,ତେଲ-ଆବଶ୍ୟକ ଅନୁଯାୟୀ,ଲୁଣ-ସ୍ୱାଦାନୁସାରେ

ପ୍ରସ୍ତୁତି ପ୍ରଣାଳୀ:

ସର୍ବ ପ୍ରଥମେ ପନୀରକୁ କଦୁକସ କରିଦିଅନ୍ତୁ । ତାପରେ ତେଲ କିମ୍ବା ଘିଅ ଗରମ କରନ୍ତୁ । ଏହା ପରେ ଜିରା, ପିଆଜ,କଞ୍ଚା ଲଙ୍କା,ଅଦା ଏବଂ ରସୁଣ ପକାନ୍ତୁ । ଏହା ସୁନେଲୀ ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଟମାଟୋ ପକାଇ ପାଣି ମାରି ଦିଅନ୍ତୁ । ତାପରେ ସୁଖିଲା ମସଲା ପକାଇ ଭାଜନ୍ତୁ ।ଏହା ପରେ ମସଲାରେ ପନୀର ପକାଇ ଭାଜନ୍ତୁ । ଅଳ୍ପ ଭାଜି ହେବା ପରେ ପ୍ରସ୍ତୁତ ହୋଇଗଲା ଆପଣଙ୍କର ପନୀର ଭୁଜିଆ ।



..... ପରଦା ଖବର ......

## ଧୁରନ୍ଧର ସଫଳତା ପରେ ମହାକାଳଙ୍କୁ ଦର୍ଶନ କଲେ ସାରା ଅର୍ଜୁନ





ଆଦିତ୍ୟ ଧରଙ୍କ ଫିଲ୍ମ ''ଧୁରନ୍ଧର ୨ : ଦି ରିଭେଞ୍ଜ'' ବର୍ତ୍ତମାନ ବକ୍ସ ଅଫିସରେ ସଫଳତା ହାସଲ କରିଛି । ରଣବୀର ସିଂଙ୍କ ଅଭିନୀତ ଏହି ଫିଲ୍ମର ଜବରଦସ୍ତ ସଫଳତା ପରେ ଅଭିନେତ୍ରୀ ସାରା ଅର୍ଜୁନଙ୍କୁ ରାତାରାତି ଫିଲ୍ମ ଇଣ୍ଡଷ୍ଟ୍ରିରେ ଏକ ପରିଚୟ ସୃଷ୍ଟି କରିଛି ଯ ଏହାରି ମଧ୍ୟରେ ସାରା ଅର୍ଜୁନ୍ ବାବା ମହାକାଳଙ୍କ ଦର୍ଶକ କରିଛନ୍ତି ।ଆଜି ସାରା ଅର୍ଜୁନ ତାଙ୍କ ମା'ଙ୍କ ଜନ୍ମଦିନ ଅବସରରେ ଉଜ୍ଜୟିନୀ ଯାତ୍ରା କରିଥିଲେ । ମହାକାଳଙ୍କ ଦର୍ଶନ କରିବା ସହ ମହାକାଳେଶ୍ୱରଙ୍କୁ ପୂଜାର୍ଚ୍ଚନା କରିଥିଲେ । ଯାହାର ଅନେକ ଫଟୋ ଏବଂ ଭିଡିଓ ଖୁବ୍ ଜୋରରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ଯେଉଁଥିରେ ସେ ଭକ୍ତିମୟ ଭାବନାରେ ବୁଡି ରହିଥିବା ଦେଖିବାକୁ ମିଳିଛି ।ଭାଇରାଲ ହେଉଥିବା ଫଟୋରେ ସାରା ଅର୍ଜୁନ ଗୋଲାପୀ ଶାଢୀ ପିନ୍ଧି ସୁନ୍ଦର ଦିଶୁଥିବା ଦେଖିବାକୁ ମିଳିଛି । ସେ ଭସ୍ମ ଆଳତୀରେ ମଧ୍ୟ ସାମିଲ ହୋଇଥିଲେ । ମନ୍ଦିର ଭିତରର ପରିବେଶ ଏତେ ଶାନ୍ତ ଏବଂ ଦିବ୍ୟ ଥିଲା ଯେ ସେ ସମ୍ପୂର୍ଣ୍ଣ ଭାବରେ ଅଭିଭୂତ ହୋଇଯାଇଥିଲେ ବୋଲି ସେ କହିଥିଲେ । ସେ ଭଲ ସ୍ୱାସ୍ଥ୍ୟ, ପ୍ରଗତି ଏବଂ ଖୁସି ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ମଧ୍ୟ ସେ କହିଥିଲେ ।ଏଥିସହ ସେ ଆହୁରି କହିଥିଲେ ଯ, ଯେତେବେଳେ ଆପଣ ମନ୍ଦିରରେ ଥାଆନ୍ତି, ଆପଣ ଦୁନିଆର ଅନ୍ୟ ଜିନିଷ ବିଷୟରେ ଚିନ୍ତା କରନ୍ତି ନାହିଁ । ମୁଁ କିଛି ର୍ନିଦ୍ଦିଷ୍ଟ ମାଗି ନଥିଲି, କେବଳ ମୋ ପରିବାରର ଭଲ ସ୍ୱାସ୍ଥ୍ୟ ଏବଂ ଜୀବନରେ ସଫଳତା ପାଇଁ ପ୍ରାର୍ଥନା କରିଥିଲି ।ଯଦି ଧୁରନ୍ଧର ୨ ଫିଲ୍ମର ବକ୍ସ ଅଫିସ୍ କଥା କୁହାଯାଏ ତେବେ ଏହି ଫିଲ୍ମ ୧,୬୭୧.୨୬ କୋଟି ଟଙ୍କା କଲେକ୍ସନ କରିଛି । ଯାହା ପୁଷ୍ପା ଫିଲ୍ମ କଲେକ୍ସନକୁ ମଧ୍ୟ ଅତିକ୍ରମ କରନ୍ତି ନାହିଁ ।

## କ୍ଷମାର ମହିମା




ଭାରତୀୟ ସଂସ୍କୃତି, ଧର୍ମ ବିଶ୍ୱାସ ଓ ସାମାଜିକ ବିଧି ଅନୁସାରେ ଆଲାକପାତ କଲେ ବଳିଦାନ, ରକ୍ତପାତ, ଦାନ ଓ କୁର୍ବାନିର ମୂଲ୍ୟ ଅତି ଗଭୀର । ଏହା ଏକ ଅସାଧାରଣ ବିଷୟ । ଆତ୍ମବଳିଦାନ ସମସ୍ତ ପକ୍ଷରେ ସାଧ୍ୟ ନୁହେଁ । କେବଳ ଈଶ୍ୱରଙ୍କ ଈଶ୍ୱରୀୟ ଗୁଣସମ୍ପନ୍ନ ବ୍ୟକ୍ତି ହିଁ ଏହା କରିପାରନ୍ତି । ପ୍ରାୟ ୨୦୦୦ ରୁ ଅଧିକ ବର୍ଷ ତଳେ ଏହା ଥିଲା ସଂପୂର୍ଣ୍ଣ ଶେଷ ବଳିଦାନ । ଯେକୌଣସି ବ୍ୟକ୍ତି ମୃତ୍ୟୁ ଭୋଗ କରିବା ସମୟରେ କହିଥିବା ଶେଷ ବାଣୀକୁ ଗୁରୁତ୍ୱ ଦିଆଯାଇଥାଏ । “ହେ ପିତାଃ ଏମାନଙ୍କୁ କ୍ଷମା କର କାରଣ ସେମାନେ କ'ଣ କରୁଛନ୍ତି ଜାଣନ୍ତି ନାହିଁ ।” କ୍ରୁଶୀୟ ବଳିଦାନ ସମୟରେ ଏହା ଥିଲା ଯୀଶୁଙ୍କ ବାଣୀ । ଏହା ଥିଲା କ୍ଷମାର ବାଣୀ ଓ ଆଜି ମଧ୍ୟ ପ୍ରଭୁ ଯୀଶୁଙ୍କ କ୍ଷମାଗୁଣ ସମସ୍ତଙ୍କ ପାଇଁ ଅତୁଟ ରହିଛି । ପ୍ରଭୁ ଯୀଶୁ ପିତା ଈଶ୍ୱରଙ୍କ ନିକଟରେ ସମସ୍ତଙ୍କ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। ଏହା ଏକ ବିଚିତ୍ର ପ୍ରାର୍ଥନା ଥିଲା । କ୍ଷମା ଏକ ଅସାଧାରଣ ବିଷୟ । କ୍ଷମା କରିବା ସହଜସାପେକ୍ଷ ନୁହେଁ;କିନ୍ତୁ ଏହା ସମ୍ଭବ । ଏଠାରେ ପ୍ରଭୁ ଯୀଶୁ ମନୁଷ୍ୟ ସମାଜ ପାଇଁ ଏକ କ୍ଷମାର ନମୁନା ଦେଖାଇଛନ୍ତି । କ୍ଷମା କରି ଶତ୍ରୁକୁ ଜୟ କରାଯାଏ । କ୍ଷମା କରି ଶାନ୍ତି ବଜାୟ ରଖାଯାଏ । ସ୍ୱାମୀ ସ୍ତ୍ରୀ ମଧ୍ୟରେ କ୍ଷମା ଏକ ନୂତନ ସଂସାର ଫେରାଇ ଆଣେ । ପରିବାର, ସମାଜ, ଦେଶରେ ଅଜିର ଜରୁରୀ ହେଉଛି 'କ୍ଷମା' । ଈଶ୍ୱର ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ପ୍ରେରଣ କରିଥିଲେ; ତେଣୁ ଯେ କେହି ଯିଶୁଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ଲାଭ କରିବ ।

## ଲୋକକଥାରେ ଶ୍ରୀଜଗନ୍ନାଥ



ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ପବିତ୍ର ଦାରୁକୁ ନେଇ ମହାବେଦୀ ଉପରେ ସ୍ଥାପନ କଲେ। ସ୍ୱପ୍ନବାଣୀ ଅନୁସାରେ ଜଣେ ବୃଦ୍ଧ ବାର୍ଦ୍ଧକ୍ୟ(ଅନନ୍ତ ମହାରଣା) ଉପସ୍ଥିତ ହୋଇ ଏହି ଚତୁର୍ଦ୍ଧା ମୂର୍ତ୍ତି ନିର୍ମାଣର ଦାୟିତ୍ୱ ନେଲେ। ଏହି ଅନନ୍ତ ମହାରଣା ସ୍ୱୟଂ ବିଷ୍ଣୁ। ଗୋପନରେ ବିଗ୍ରହମାନ ନିର୍ମାଣର ୧୫ଦିନ ପରେ ଚତୁର୍ଦ୍ଧା ମୂର୍ତ୍ତି ଅର୍ଥାତ୍ ଶ୍ରୀବଳ ଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ସୁଦର୍ଶନ ପ୍ରକାଶମାନ ହେଲେ। କିନ୍ତୁ ଶିଳ୍ପୀ ଅନ୍ତର୍ଦ୍ଧାନ ହୋଇଗଲେ। ପୁନର୍ବାର ଦେବବାଣୀ ହେଲା- ଚତୁର୍ଦ୍ଧା ମୂର୍ତ୍ତିକୁ ପାଟବସ୍ତ୍ର ଦ୍ୱାରା ଆବୃତ୍ତ କରି ଚିତ୍ରକର ଦ୍ୱାରା ନିଜ ବର୍ଣ୍ଣରେ ଚିତ୍ରିତ କର। ଦୈବାଦେଶ ଅନୁଯାୟୀ ଇନ୍ଦ୍ରଦ୍ୟୁମ୍ନ ଅନ୍ୟ ରାଜାମାନଙ୍କ ସହାୟତାରେ ଏକ ଭବ୍ୟ ମନ୍ଦିର ନିର୍ମାଣ କଲେ ଓ ବିଗ୍ରହ ପ୍ରତିଷ୍ଠା କରାଇଲେ ବ୍ରହ୍ମାଙ୍କୁ ପୁରୋହିତ ଭାବରେ ନିମନ୍ତ୍ରଣ କରି । ଏଥିପାଇଁ ସେ ନାରଦଙ୍କ ସହ ବ୍ରହ୍ମଲୋକଙ୍କୁ ଯାତ୍ରା କଲେ। ବ୍ରହ୍ମାଙ୍କ ସାନ୍ନିଧ୍ୟରେ ଥିବାରୁ ଇନ୍ଦ୍ରଦ୍ୟୁମ୍ନ ଜରା ଓ ମୃତ୍ୟୁର ବଶୀଭୂତ ହୋଇନାହାନ୍ତି। କିନ୍ତୁ ମର୍ତ୍ତ୍ୟଲୋକରେ ବିଷ୍ଣୁଙ୍କର ଦାରୁ ମୂର୍ତ୍ତି ଓ ପ୍ରସାଦ ବିଦ୍ୟମାନ ରହିଛି। ବ୍ରହ୍ମା ନିର୍ଦ୍ଦେଶ ଦେଲେ ଯେ, ଶୀଘ୍ର ମର୍ତ୍ତ୍ୟ ଲୋକକୁ ଯାଇ ଦେବ ଓ ଦେବ ମନ୍ଦିରକୁ ସ୍ୱୀୟ ଆୟତକୁ ଆଣ ଓ ପ୍ରତିଷ୍ଠା ପାଇଁ ଆୟୋଜନ କର।


## ଦୁନିଆରେ ସର୍ବଶ୍ରେଷ୍ଠ ଗୁରୁ



ଜଣେ ରାଜା ଥିଲେ। ତାଙ୍କୁ ଲେଖାପଢାର ଖୁବ ସଉକ ଥିଲା। ଏକଦା ମନ୍ତ୍ରୀ ପରିଷଦଙ୍କ ଜରିଆରେ ସେ ନିଜ ପାଇଁ ଏକ ଗୁରୁଙ୍କ ବ୍ୟବସ୍ଥା କରିବାକୁ ଜଣାଇଲେ। ଗୁରୁ ମଧ୍ୟ ରାଜାଙ୍କୁ ପଢାଇବାକୁ ପ୍ରତିଦିନ ଆସିବାକୁ ଲାଗିଲେ। ମାତ୍ର ରାଜାଙ୍କୁ କୌଣସି ଲାଭ ମିଳିବା ଭଳି ଅନୁଭବ ହେଲା ନାହିଁ। ରାଜା ଖୁବ ଚିନ୍ତିତ ରହିଲେ। ସେ ଗୁରୁଙ୍କ ଯୋଗ୍ୟତା ଓ ପ୍ରତିଭା ଉପରେ ମଧ୍ୟ ପ୍ରଶ୍ନ ଉଠାଇବାକୁ କୁଣ୍ଠା ପ୍ରକାଶ କଲେ, କାରଣ ସେ ଖୁବ ପ୍ରସିଦ୍ଧ ଗୁରୁ ଥିଲେ। ମାତ୍ର ଗୋଟିଏ ଦିନ ରାଣୀ ରାଜାଙ୍କୁ ପରାମର୍ଶ ଦେଇ କହିଲେ, ରାଜା ଆପଣ ଗୁରୁଙ୍କ ଏ ବିଷୟରେ ଥରେ ପଚାରି ଦେଖନ୍ତୁ। ଥରେ ରାଜା ସାହସ କରି ଗୁରୁଙ୍କ ସମ୍ମୁଖରେ ପଚାରିଲେ, ହେ ଗୁରୁଦେବ କ୍ଷମା କରନ୍ତୁ, ମୁଁ ବହୁ ମାସରୁ ଆପଣଙ୍କ ଠାରୁ ଶିକ୍ଷା ଗ୍ରହଣ କରୁଛି। ମାତ୍ର ମତେ କୌଣସି ଲାଭ ମିଳୁ ନାହିଁ, ଏହାର କାରଣ କ'ଣ ? ଗୁରୁଜୀ ଖୁବ ଶାନ୍ତ ସ୍ୱରରେ ଉତ୍ତର ଦେଲେ, ରାଜା ଏହାର କାରଣ ଖୁବ ସରଳ। ଏହା ଶୁଣି ରାଜା କହିଲେ, ମତେ ଶୀଘ୍ର ଏହାର ଉତ୍ତର ଦିଅନ୍ତୁ ଗୁରୁଦେବ। ଗୁରୁଜୀ କହିଲେ, ରାଜା କଥା ଖୁବ ସରଳ। ମାତ୍ର ଆପଣ ନିଜେ ବଡ଼ ଓ ଅଂହକାର କାରଣରୁ ଏହାକୁ ବୁଝି ପାରୁ ନାହାନ୍ତି। ଯାହା ଫଳରେ ଆପଣ ଚିନ୍ତିତ ଓ ଦୁଃଖୀ ହେଉଛନ୍ତି। ମାନୁଛି ଆପଣ ଜଣେ ବଡ଼ ରାଜା। ବିଭିନ୍ନ ଦୃଷ୍ଟିକୋଣରୁ ଆପଣ ମୋ ଠାରୁ ପଦବୀ, ପ୍ରତିଷ୍ଠାରେ ବଡ଼, ମାତ୍ର ଏଠାରେ ଆପଣଙ୍କର ଓ ମୋର ସମ୍ପର୍କ ହେଉଛି କେବଳ ଗୁରୁ ଓ ଶିଷ୍ୟର। ଗୁରୁ ହେବା ଦୃଷ୍ଟିରୁ ମୋ ସ୍ଥାନ ଆପଣଙ୍କ ଠାରୁ ଉଚ୍ଚରେ ହେବା ଆବଶ୍ୟକ। ମାତ୍ର ଆପଣ ସ୍ୱୟଂ ଉଚ୍ଚ ସିଂହାସନରେ ବସୁଛନ୍ତି ଏବଂ ମତେ ତଳେ ଆସନରେ ବସାଉଛନ୍ତି। ଏହାସହ ମନରେ ମଧ୍ୟ ରାଜା ହେବାର ଅହଂଭାବ ରଖୁଛନ୍ତି। କେବଳ ଏହି କାରଣରୁ ହିଁ ଆପଣଙ୍କୁ କୌଣସି ଶିକ୍ଷା ପ୍ରାପ୍ତି ହେଉ ନାହିଁ କି ଜ୍ଞାନ ପ୍ରାପ୍ତି ହେଉ ନାହିଁ। ଆପଣ ରାଜା ହୋଇଥିବାରୁ ମୁଁ ସିଧାସଳଖ ଏହି କଥା ଜଣାଇ ପାରୁ ନଥିଲି। କାଲି ଠାରୁ ଯଦି ଆପଣ ମତେ ଉଚ୍ଚ ଆସନରେ ବସାଇବା ସହ ସ୍ୱୟଂ ତଳେ ଆସନରେ ବସିବେ ତେବେ ଆପଣଙ୍କ ସମସ୍ୟାର ନିଶ୍ଚୟ ସମାଧାନ ହୋଇଯିବ। ଏହା ଶୁଣି ରାଜାଙ୍କୁ ନିଜର ଭୁଲକୁ ସ୍ୱୀକାର କରିବା ସହ ନିଜ ଭୁଲକୁ ସୁଧାରିଲେ। ଏହାସହ ଗୁରୁଙ୍କ ଠାରୁ ଶିକ୍ଷା ମଧ୍ୟ ପ୍ରାପ୍ତି କଲେ। ଏହି ସୁନ୍ଦର କାହାଣୀର ସାରାଂଶ ହେଉଛି, ଆମେ ନିଜେ ସମ୍ପର୍କ, ପଦବୀ, ଧନବୈଭବ ଯେଉଁଥିରେ ମଧ୍ୟ ଉଚ୍ଚ ସ୍ଥାନରେ ରହିଲେ ମଧ୍ୟ ଗୁରୁଙ୍କୁ ସର୍ବଦା ଉଚ୍ଚରେ ରଖିବା ସହ ତାଙ୍କୁ ଯଥେଷ୍ଟ ସମ୍ମାନ ଦେବା ଉଚିତ। କେବଳ ଉଚ୍ଚ ନୀଚ ଆସନରେ ନୁହେଁ ବରଂ ମନରୁ ମଧ୍ୟ ଗୁରୁଙ୍କୁ ସମ୍ମାନ ଦେବା ନିତାନ୍ତ ଆବଶ୍ୟକ।

## ଡାର୍କ ସର୍କଲ୍ ହେବାର କାରଣ

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ



ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

୨. ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖା ଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

୪. ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

୫. ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

# ଆଇନ ଆୟୋଗଙ୍କ ବାର୍ଷିକ ରିପୋର୍ଟ ଓ ୱେବ୍‌ସାଇଟ୍ ଉନ୍ମୋଚିତ



ଭୁବନେଶ୍ୱର,୧୧।୪ (ମହାଭାରତ): ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ଓ ଅଭିମୁଖ୍ୟ ନେଇ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରିକଳ୍ପନା କରିଥିଲେ, ତାହାର ଏକ ବର୍ଷ ପୂର୍ତ୍ତି ସହ ରାଜ୍ୟ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ । ମଙ୍ଗଳବାର ଆଇନ ଆୟୋଗ ଗଠନର ଏକ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ଦେଶ ସ୍ୱାଧୀନତାକୁ ଅନେକ ବର୍ଷ ବିତିଥିଲେ ମଧ୍ୟ ଅନେକ ଅଦରକାରୀ ଆଇନ ଏବେ ବି ବଳବତର ରହିଛି । ତେବେ ମଧ୍ୟସ୍ଥତା ଆଇନ ପ୍ରଣୟନ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦିର ପ୍ରଣୟନ ଆଜି ଯୁଗୋପଯୋଗୀ ସାବ୍ୟସ୍ତ ହୋଇଛି । ସେହିପରି ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ ପରେ ୨୮୮ଟି ଅଦରକାରୀ ଆଇନ ପ୍ରତ୍ୟାହର ସହ ୮ଟି ପ୍ରମୁଖ ଆଇନ ସଂଶୋଧନ ପାଇଁ ପ୍ରସ୍ତାବ ଆସିଛି । ଏହା ଆଇନ ବ୍ୟବସ୍ଥାରେ ସୁଧାର ଆଣିବା ସହ ବିକଶିତ ଓଡ଼ିଶା ଗଠନ ସ୍ୱପ୍ନକୁ ପୂରଣ କରିବା ସହ ଓଡ଼ିଆ ଅସ୍ମିତାକୁ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଇନ ଆୟୋଗଙ୍କ ୨୦୨୫-୨୬ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନୂତନ ୱେବ୍‌ସାଇଟ୍ ର ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ ଏହି ୱେବ୍‌ସାଇଟ୍ ପାରଦର୍ଶିତା ସୁନିଶ୍ଚିତ କରିବ ଏବଂ ଆଇନ ସଂଶୋଧନରେ ସାଧାରଣ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ଦେବ । ଏଥି ସହିତ ଏହା ରାଜ୍ୟ ଆଇନଗୁଡ଼ିକର ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ସେହିପରି ବାର୍ଷିକ ରିପୋର୍ଟ ହେଉଛି ଆୟୋଗର ସତ୍ୟନିଷ୍ଠ ପ୍ରୟାସ ଏବଂ ସମର୍ପଣର ପ୍ରତିଫଳନ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉଲ୍ଲେଖ କରିଥିଲେ। ଏହି ଅବସରରେ ଆଇନ ଆୟୁକ୍ତ ଶ୍ରୀ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ଓଡ଼ିଶା ରାଜ୍ୟ ଆଇନ ଆୟୋଗ ଗଠନ, କାର୍ଯ୍ୟଧାରା ଏବଂ ଲକ୍ଷ୍ୟ ପୂରଣ ଦିଗରେ କରିଥିବା କାର୍ଯ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଆଇନ ଆୟୋଗର ସଦସ୍ୟ ସୂର୍ଯ୍ୟ ପ୍ରସାଦ ମିଶ୍ର, ସୌର ଚନ୍ଦ୍ର ମହାପାତ୍ର, ପ୍ରଫେସର ଲଳିତ କୁମାର ଦେବ ଏବଂ ସଦସ୍ୟ ସଚିବ ଗଙ୍ଗାଧର ସେଠୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଓଡ଼ିଶା ରାଜ୍ୟ ଆଇନ ଆୟୋଗଙ୍କ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜଳସେଚନ ପ୍ରକଳ୍ପ ତ୍ୱରାନ୍ୱିତ ନିର୍ଦ୍ଦେଶ

ଭୁବନେଶ୍ୱର,୧୧।୪ (ମହାଭାରତ): ରାଜ୍ୟର ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଚାଷୀଙ୍କୁ ନିରନ୍ତର ଜଳ ଯୋଗାଇଦେବା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା ଲକ୍ଷ୍ୟରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବିଭିନ୍ନ ଜିଲ୍ଲା ଗସ୍ତ କରି ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରିଥିଲେ।

ମୁଖ୍ୟ ଶାସନ ସଚିବ ବଡ଼ମ୍ବା ବ୍ଲକସ୍ଥିତ ପଦ୍ମନାଭପୁର ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଚେକ୍ ଡ୍ୟାମର ନବୀକରଣରେ ବ୍ୟୟ ଏବଂ ଏହାର ଜଳସେଚନ କ୍ଷମତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ୯୦ ପ୍ରତିଶତ ବ୍ୟୟ ଅଟକଳ ଶେଷ କରିବାକୁ ମାସିକ ଲକ୍ଷ୍ୟଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରି ସେ ପାଣି ପଂଚାୟତ ଗଠନ ଏବଂ ୱାଟର ୟୁଜର୍ସ ଆସୋସିଏସନ ପଞ୍ଜିକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଚେକ୍ ଡ୍ୟାମର ସୁରକ୍ଷା ପାଇଁ ଅଫ୍ଲକ୍ସ ବନ୍ଧର ଟର୍ଫିଂ ଏବଂ ଅପ୍-ଷ୍ଟ୍ରିମ୍ ସ୍ଲୋପର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି ।ସେହିପରି ନରସିଂହପୁର ବ୍ଲକସ୍ଥିତ ହାଡ଼ୁଆ ଜଳସେଚନ ପ୍ରକଳ୍ପର ସମୀକ୍ଷା ସମୟରେ କଂକ୍ରିଟ ଗ୍ରାଭିଟି ଡ୍ୟାମ୍ ଓ ସ୍ପିଲୱେ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ ଶେଷ କରବାକୁ କରିଛନ୍ତି। ଏହା ବ୍ୟତୀତ ପ୍ରକଳ୍ପ ଅଂଚଳରେ ଏକ ସ୍କାଡା କଂଟ୍ରୋଲ ରୁମ, ପର୍ଯ୍ୟଟକଙ୍କ ପାଇଁ ସୌନ୍ଦର୍ଯ୍ୟକରଣ ଏବଂ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି ।ଏହି ପରିଦର୍ଶନ ଏବଂ ସମୀକ୍ଷା ସମୟରେ ମାନ୍ୟବର ବଡ଼ମ୍ବା ବିଧାୟକ ଶ୍ରୀ ବିଜୟ କୁମାର ଦଳବେହେରା, ଆଠଗଡ ଉପଜିଲ୍ଲାପାଳ ଶ୍ରୀ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ସମେତ ବିଭାଗୀୟ ବରିଷ୍ଠ ପଦାଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ ସାଗର ମହାନ୍ତି ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକର ବିଭିନ୍ନ ପ୍ରକଳ୍ପର ଯାଂଚ କରିଥିଲେ। ମୁଖ୍ୟ ଯନ୍ତ୍ରୀ ପାଟଣାଗଡ଼ ବ୍ଲକର ସୁବର୍ଣ୍ଣରେଖା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଏବଂ ଉପର ଲାନ୍ଥ ଜଳସେଚନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରି ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ନଦୀ ବନ୍ଧର ଖାଲି ସ୍ଥାନକୁ ତୁରନ୍ତ ବନ୍ଦ କରି କାର୍ଯ୍ୟ ଶେଷ କରିବାକୁ ସେ କ୍ଷେତ୍ରୀୟ କର୍ମଚାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଏହାସହ ମାୟାବତୀ ନଦୀ ଉପରେ ନିର୍ମିତ ବେରହାମପୁରା ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ସେତୁର ମଧ୍ୟ ସେ ଯାଂଚ କରିଥିଲେ। ନଦୀ ଜଳକୁ ସଂଚୟ କରି ଜଳସେଚନ ଏବଂ ପାନୀୟ ଜଳ ଯୋଗାଣ ପାଇଁ ସେତୁ ଗୁଡ଼ିକରେ ଶଟର୍ ଲଗାଇବା ପାଇଁ ସେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଭିମନ୍ୟୁ ସ୍ମୃତି ସଂସଦର ସମୀକ୍ଷା ବୈଠକ



ଭୁବନେଶ୍ୱର,୧୧।୪ (ମହାଭାରତ): ଅଭିମନ୍ୟୁ ସ୍ମୃତି ସଂସଦ ଭୁବନେଶ୍ୱରର ଗତ ଜାନୁଆରୀ ୨୫ତାରିଖ ମାଘ ସପ୍ତମୀ ଦିନ ପାଳିତ ହୋଇଥିବା ସୁବର୍ଣ୍ଣଜୟନ୍ତୀ ତଥା ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ୨୬୬ତମ ଜୟନ୍ତୀ ପାଳନର ସମୀକ୍ଷା ବୈଠକ ସଂସଦର ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥିଙ୍କ ସଭାପତିତ୍ୱରେ ଗତକାଲି ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସାଧାରଣ ସମ୍ପାଦକ ଖଗୁ ଚରଣ ବିଶ୍ୱାଳ, ଡ. ରାମଚନ୍ଦ୍ର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଜେନା, ନିରଞ୍ଜନ ଜେନା, ଲକ୍ଷ୍ମୀଧର ବେହେରା, ପ୍ରମେଶ କୁମାର ମହାନ୍ତି, ଡ. ଧୀରଜ ମହାପାତ୍ର ଓ ଯଶବର୍ଦ୍ଧନ ଶିବାନନ୍ଦ ପ୍ରମୁଖ ଯୋଗଦେଇ ବିଗତ ଅଭିମନ୍ୟୁ ସ୍ମୃତି ସଂସଦର ବାର୍ଷିକ କାର୍ଯ୍ୟକ୍ରମ ସଫଳତାର ସହିତ ସମାହିତ ହୋଇଥିବାରୁ ଏଥିନିମନ୍ତେ ସମସ୍ତ ସଭ୍ୟଙ୍କ ସହିତ ସାଧାରଣ ସମ୍ପାଦକ ଖଗୁ ଚରଣ ବିଶ୍ୱାଳଙ୍କ ଉଦ୍ୟମ ନିମନ୍ତେ ସମସ୍ତଙ୍କୁ ସଭାପତି ଶ୍ରୀ ଶତପଥି ସାଧୁବାଦ ଜଣାଇଥିଲେ । ବିଦଗ୍ଧ କବିଙ୍କ ଶ୍ରାଦ୍ଧଦିବସ ଜୁନ୍ ୮ ତାରିଖରେ ପାଳନ ଅବସରରେ କବିଙ୍କ ପ୍ରତିମୂ[illegible]ରେ ମାଲ୍ୟାର୍ପଣ କରାଯାଇ ଅନ୍ୟ ଏକ ଦିବସରେ ରାଜଧାନୀର ଏକ ପ୍ରମୁଖ ସଭାଗୃହରେ ବିଦଗ୍ଧ କବିଙ୍କ ଉପରେ ବକ୍ତୃତା ପ୍ରତିଯୋଗିତା ଅଭିମନ୍ୟୁ ସଂଗୀତ ପରିବେଷଣ ସହିତ ସାରସ୍ୱତ ଆଲୋଚନା ଚକ୍ର ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତି ନିଆଯାଇଅଛି।

# ପୋଲିସ କଲର୍ସ ଆୱାର୍ଡ଼ ପ୍ରଦର୍ଶନ କଲେ ଡିଜିପି

ଭୁବନେଶ୍ୱର,୧୧।୪ (ମହାଭାରତ): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ମଙ୍ଗଳବାର ଦିନ ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ନିକଟରେ ରାଷ୍ଟ୍ରପତିଙ୍କ 'ପୋଲିସ କଲର୍ସ ଆୱାର୍ଡ଼' ପ୍ରଦର୍ଶନ କରିଛନ୍ତି । ଆଇନ ଶୃଙ୍ଖଳା ଏବଂ ଲୋକଙ୍କ ସୁରକ୍ଷା ଦିଗରେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଓଡ଼ିଶା ପୋଲିସ ହାସଲ କରିଥିବା ଏହି ମର୍ଯ୍ୟାଦାଜନକ ସମ୍ମାନ ରାଜ୍ୟ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଓଡ଼ିଶା ପୋଲିସ ହାସଲ କରିଥିବା ମର୍ଯ୍ୟାଦାଜନକ 'ରାଷ୍ଟ୍ରପତିଙ୍କ ପୋଲିସ କଲର୍ସ ଆୱାର୍ଡ଼' ଆମ ରାଜ୍ୟ ପାଇଁ ଏକ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ଗୃହ ମନ୍ତ୍ରୀ ଭାବେ, ଆମ ପୋଲିସ ବାହିନୀର ଏହି ଅସାଧାରଣ ସଫଳତା ଦେଖି ମୁଁ ଅତ୍ୟନ୍ତ ଆନନ୍ଦିତ। ଏହି ସମ୍ମାନ ଓଡ଼ିଶା ପୋଲିସର ସାହସିକତା, ଉତ୍ସର୍ଗୀକୃତ ଜନସେବା ଏବଂ ଅପରିସୀମ ନିଷ୍ଠାର ଏକ ଶ୍ରେଷ୍ଠ ପ୍ରତିଫଳନ। ଦେଶର ଅଗ୍ରଣୀ ପୋଲିସ ବାହିନୀ ଗୁଡିକ ମଧ୍ୟରେ ଓଡ଼ିଶା ପୋଲିସ ଏହି ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବା ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ମୁହୂର୍ତ୍ତ। ଏହି ଅବସରରେ, ଓଡ଼ିଶା ପୋଲିସର ସେବା ଓ ବୀରତ୍ୱକୁ ଏହି ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରିଥିବାରୁ ମୁଁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଛି । ଆମ ରାଜ୍ୟରେ ଶାନ୍ତି-ଶୃଙ୍ଖଳା ରକ୍ଷା କରିବା ସହ ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ନିରନ୍ତର କାର୍ଯ୍ୟ କରୁଥିବା ପ୍ରତିଟି ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଓ ସାଧୁବାଦ ଜଣାଉଛି । ଏହି ଗୌରବମୟ ସଫଳତା ଆମ ପୋଲିସ ବାହିନୀର ମନୋବଳକୁ ଆହୁରି ଦୃଢ଼ କରିବା ସହ ଏକ ସୁରକ୍ଷିତ ଓ 'ସମୃଦ୍ଧ ଓଡ଼ିଶା' ଗଠନ ଦିଗରେ ଆମ ସଂକଳ୍ପକୁ ଆହୁରି ଶକ୍ତିଶାଳୀ କରିବ।


# ସୋଆ ଆଇଏଏସ୍‌ର ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୬' ଶୁଭାରମ୍ଭ

ଭୁବନେଶ୍ୱର,୧୧।୪ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ରେ ବୁଧବାର ଦୁଇ ଦିନିଆ ବାର୍ଷିକ ଉତ୍ସବ 'ଅର୍ଣ୍ଣ-୨୦୨୬' ଆରମ୍ଭ ହୋଇଛି। ଏହି ବାର୍ଷିକ ଉତ୍ସବରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ପୂର୍ବତନ କୁଳପତି ପ୍ରଫେସର ମନୋରଂଜନ କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟସ୍ଥଳରେ ପହଂଚିବା ନିମର୍ତ୍ତେ କଠିନ ପରିଶ୍ରମ, ଅଧ୍ୟବସାୟ ଓ ସମୟାନୁବର୍ତିତା ଆବଶ୍ୟକ ବୋଲି କହିଥିଲେ। ନିଜ ଭିତରେ ସଦାସର୍ବଦା ସକରାତ୍ମକ ଚିଂାଧାରା ଓ ମନୋଭାବ ଆଣିବା ଜରୁରୀ। କାରଣ ନକରାତ୍ମକ ଚିଂାଧାରା ଓ ଏହାର କୁପ୍ରଭାବ ଛାତ୍ରଛାତ୍ରୀମାନ୍ଙ୍କୁ ଅବନତି ଆଡ଼କୁ ନେଇଯାଇଥାଏ ବୋଲି ପ୍ରଫେସର କର କହିଥିଲେ। ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ଜୀବନରେ ପିତାମାତା ଓ ଅଧ୍ୟାପକ ଅଧ୍ୟାପିକା ଗୁରୁ ସାଜିଥିବା ବେଳେ ସେମାନଙ୍କୁ ସମ୍ମାନ ଦେବା ଉଚିତ୍ ବୋଲି ପ୍ରଫେସର କର କହିଥିଲେ। ସାମ୍ପ୍ରତିକ ଯୁଗରେ କୃଷି କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନର ସୂତ୍ର ବାହାର କରିବା ସହିତ ସୋଆ କୃଷି ଛାତ୍ରଛାତ୍ରୀମାନେ ଭବିଷ୍ୟତରେ କୃଷି ଉଦ୍ୟୋଗୀ ହୋଇପାରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧକ୍ଷତା କରିବା ସହ ନିଜ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷାନୁଷ୍ଠାନରେ ଅଭିନବ ଶିକ୍ଷା ବ୍ୟବସ୍ଥା ଦ୍ୱାରା ଏହା ଅନେକ ସଫଳତା ହାସଲ କରିପାରିଛି। ତେବେ ଶୃଙ୍ଖଳା, ସମୟାନୁବର୍ତ୍ତିତା ଓ ଅଧ୍ୟବସାୟ ଭଳି ଗୁଣ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଠାରେ ରହିବା ଜରୁରୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆର ଉପକୁଳପତି ପ୍ରଫେସର ପ୍ରଶାଂ କୁମାର ପାତ୍ର କହିଥିଲେ ଯେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସର୍ବଦା କିଛି ନୂଆ ଶିଖିବାର ଉତ୍କଣ୍ଠା ରହିବା ଜରୁରୀ ଯାହା ସେମାନଙ୍କୁ ଗବେଷଣା କ୍ଷେତ୍ରରେ ବିଶେଷ ସାହାଯ୍ୟ କରିବ। କୃଷି ଭିତିକ ବିଭିନ୍ନ ପ୍ରକାର ସମସ୍ୟା ଗୁଡିକର ସମାଧାନ ପାଇଁ କିପରି କୃଷକମାନେ ମହାବିଦ୍ୟାଳୟ ସହିତ ଜଡିତ ହୋଇପାରିବେ ସେ ବିଷୟରେ ସେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୋଆର କଂଟ୍ରୋଲର ଅଫ୍ ଏଗଜାମିନେସ୍ନ ପ୍ରଫେସର (ଡକ୍ଟର) ମୁଲା ଦାସ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କେବଳ ପୁସ୍ତକ ଜ୍ଞାନ ଦ୍ୱାରା ଶିକ୍ଷାକୁ ସୀମିତ ନ ରଖି ନିଜ ଭିତରେ ଥିବା ଲୁକ୍କାୟିତ ପ୍ରତିଭାଗୁଡିକୁ ବିକଶିତ କରିବା ଜରୁରୀ। ନିଜ ଉପରେ ବିଶ୍ୱାସ ରଖି ପ୍ରତି ମୁହୂର୍ତରେ କିଛି ଶିଖିବାର ଉତ୍କଣ୍ଠା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରହିବା ଦରକାର ବୋଲି ସେ କହିଥିଲେ।



# ପାଣି ଟୋପାଏ ପାଇଁ ସପ୍ତମ ଶ୍ରେଣୀ ଛାତ୍ରଙ୍କ ଅନୁରୋଧ

ଭୁବନେଶ୍ୱର,୧୧।୪ (ମହାଭାରତ): ଭୁବନେଶ୍ୱର ଆକାଶରୁ ଏବେ ନିଆଁ ବର୍ଷୁଛି । ପିଚୁ ରାସ୍ତା ତାତିରେ ଫାଟି ଯାଉଛି । ଏଭଳି ସମୟରେ ମଣିଷ ଘର ଭିତରେ ଶୋଷ ମେଣ୍ଟାଉଥିବା ବେଳେ ରାସ୍ତା କଡ଼ର ବୁଲା ପଶୁପକ୍ଷୀ ଟୋପାଏ ପାଣି ପାଇଁ ଆଉଟୁ ପାଉଟୁ ହେଉଛନ୍ତି । ଏହି ନିର୍ବାକ ପ୍ରାଣୀଙ୍କ ଛଟପଟାଣିକୁ ଅତି ନିକଟରୁ ଅନୁଭବ କରିଛନ୍ତି ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ । କୁନି ପୁଅଟିଏ ହୋଇଥିଲେ ମଧ୍ୟ ସେ ନିଜର ସାମାଜିକ ଦାୟିତ୍ୱବୋଧକୁ ପାସୋରି ଦେଇନାହାଁନ୍ତି । ସେଥିପାଇଁ ସିଧାସଳଖ ବିଏମ୍‌ସି କମିଶନର ଚଞ୍ଚଳ ରାଣାଙ୍କୁ ଚିଠି ଲେଖି ସହରର ବିଭିନ୍ନ ସ୍ଥାନରେ ପଶୁଙ୍କ ପାଇଁ ଜଳ ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି । ଶାନ୍ତନୁଙ୍କ ଏହି ଚିଠି କେବଳ ଏକ ନିବେଦନ ନୁହେଁ, ବରଂ ସ୍ୱାର୍ଥପର ମଣିଷ ସମାଜ ପାଇଁ ଏକ ବଡ଼ ଚେତାବନୀ । ଜଣେ ଶିଶୁର ଏଭଳି ସମ୍ବେଦନଶୀଳତା ଆଜି ସହରର ଗଳିକନ୍ଦିରେ ଚର୍ଚ୍ଚାର ବିଷୟ ପାଲଟିଛି । ଶାନ୍ତନୁଙ୍କ ଏହି ପ୍ରୟାସ ପ୍ରମାଣ କରୁଛି ଯେ ପରୋପକାର ପାଇଁ ବୟସ ନୁହେଁ ବରଂ ଏକ ନିର୍ମଳ ହୃଦୟର ଆବଶ୍ୟକତା ରହିଛି । ଆଶା କରାଯାଏ, କୁନି ଛାତ୍ରଙ୍କ ଏହି ଡ଼ାକରା ପ୍ରଶାସନର କାନରେ ବାଜିବ ଏବଂ ତୃଷାର୍ତ୍ତ ପଶୁଙ୍କ କଣ୍ଠ ଥଣ୍ଡା ହେବ । ଶାନ୍ତନୁ ଆଜି ପ୍ରକୃତ ଅର୍ଥରେ ଜଣେ 'ପରିବେଶ ସୈନିକ' ଭାବେ ଉଭା ହୋଇଛନ୍ତି ତାଙ୍କର ଏହି ମହତ୍ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଏକ ଶିକ୍ଷଣୀୟ ପ୍ରେରଣା ।



# ମୁଖ ସ୍ୱଚ୍ଛତାରେ ଆୟୁର୍ବେଦିକ ଜ୍ଞାନର ଭୂମିକା

ଭୁବନେଶ୍ୱର,୧୧।୪ (ମହାଭାରତ): ଅନେକ ଲୋକ ଜିମ ଯୋଗ ଦେବା କିମ୍ବା ନୂତନ ଡାଇଏଟ୍ ଅନୁସରଣ କରି ନିଜର ଫିଟନେସ୍ ରୁଟିନ୍‌କୁ ସମୟ ସମୟରେ "ରିସେଟ୍" କରୁଥିବା ବେଳେ, ମୁଖ ସ୍ୱାସ୍ଥ୍ୟ ସେତେ ଗୁରୁତ୍ୱ ପାଉନାହିଁ। ପବ୍ଲିକ୍ ହେଲ୍ଥ ଡେଣ୍ଟିଷ୍ଟର ପ୍ରୋଫେସର ଡା. ସୋନିଆ ଦତ୍ତ କହିଛନ୍ତି ଯେ ଶୈଶବକାଳରେ ଗଢ଼ିଉଠିଥିବା ବ୍ରଶ କରିବାର ଅଭ୍ୟାସ ଦଶକ ଧରି ପରିବର୍ତ୍ତନ ହୁଏନାହିଁ, ଯଦିଓ ଜୀବନଶୈଳୀ ଓ ସ୍ୱାସ୍ଥ୍ୟ ଆବଶ୍ୟକତା ସମୟ ସହିତ ବଦଳିଯାଏ। ଶାରୀରିକ ଫିଟନେସର କଥା ଆସିଲେ ଅନେକେ ଅବହେଳା ପରେ ଶୀଘ୍ର ସ୍ୱାସ୍ଥ୍ୟକର ଅଭ୍ୟାସ ଗ୍ରହଣ କରନ୍ତି। କିନ୍ତୁ ମୁଖ ସ୍ୱାସ୍ଥ୍ୟ—ବିଶ୍ୱରେ ସବୁଠୁ ସାଧାରଣ ସଂକ୍ରାମକ ନ ହେବାସମସ୍ୟାମାନଙ୍କ ମଧ୍ୟରୁ ଗୋଟିଏ—ପ୍ରାୟତଃ ଅବହେଳିତ ରହିଯାଏ। ଏହି ଅବହେଳା କେବଳ ମୁଖରେ ସୀମିତ ନୁହେଁ, ସମଗ୍ର ଶାରୀରିକ ସୁସ୍ଥତାକୁ ପ୍ରଭାବିତ କରେ, କିନ୍ତୁ ଫିଟନେସ୍ ପରି ଏହା ପ୍ରତି ପୁନର୍ବିଚାର କରାଯାଏ ନାହିଁ। ଫିଟନେସ୍ କିମ୍ବା ଓଜନ ପରିବର୍ତ୍ତନ ପରି ମୁଖ ସ୍ୱାସ୍ଥ୍ୟର ଆରମ୍ଭିକ ସମସ୍ୟା ସବୁବେଳେ ସ୍ପଷ୍ଟ ଦେଖାଯାଏ ନାହିଁ। ପ୍ଲାକ୍ ସଞ୍ଚୟ, ଏନାମେଲ୍ କ୍ଷୟ ଓ ଆରମ୍ଭିକ ମସୁଡ଼ା ସୁଜନ ବେଦନା ବିନା ବଢ଼ିଥାଏ। ଏହି କାରଣରୁ ଆମେ ବର୍ତ୍ତମାନର ରୁଟିନ "ପର୍ଯ୍ୟାପ୍ତ" ବୋଲି ଧରିନେଉଥାଉ ଏବଂ ବ୍ରଶ କରିବାର ପ୍ରଣାଳୀ, ସମୟ କିମ୍ବା ବ୍ୟବହୃତ ପ୍ରୋଡକ୍ଟ ଉପରେ ପୁନର୍ବିଚାର କରୁନାହୁଁ। ସମୟ ସହିତ ଏହା ଦାନ୍ତ ଖୋଳା, ମାଢ଼ି ରୋଗ ଏବଂ ଦାନ୍ତର ସେନ୍ସିଟିଭିଟି ବଢ଼ାଇଦିଏ। ଏହି ସେନ୍ସିଟିଭିଟିକୁ ହ୍ରାସ କରିବା ପାଇଁ ଡା. ଦତ୍ତ ଦୀର୍ଘକାଳୀନ ଓ ସ୍ଥିର ଅଭିଗମକୁ ଗୁରୁତ୍ୱ ଦେଇଛନ୍ତି।

## ତନିଷ୍କ 'ହ୍ୟୁଜ'ର ଶୁଭାରମ୍ଭ

ଭୁବନେଶ୍ୱର,୧୧।୪ (ମହାଭାରତ): ଅକ୍ଷୟ ତୃତୀୟ ପାଖେଇ ଆସୁଥିବା ବେଳେ ଭାରତର ଅଗ୍ରଣୀ ଗହଣା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଭାରତର ଗ୍ରାହକମାନଙ୍କ ମଧ୍ୟରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପ୍ରାକୃତିକ ଜେମଷ୍ଟୋନ (ରତ୍ନପଥର) ଗହଣାର ଏକ ନୂତନ ସଂଗ୍ରହକୁ ଉପସ୍ଥାପନ କରାଯାଇଛି। ଏହି ବର୍ଗରେ କମ୍ପାନି 'ହ୍ୟୁଜ୍' ନାମରେ ନୂତନ ସଂଗ୍ରହକୁ ଉନ୍ମୋଚନ କରିଛି। ଅସଲି ଓ ଡିଜାଇନ ଆଧାରିତ ସୌନ୍ଦର୍ଯ୍ୟ ପାଇଁ ପରିଚିତ ଏହି କ୍ଷେତ୍ରରେ ତନିଷ୍କ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରି ୧୦୦% ପ୍ରାକୃତିକ ରତ୍ନପଥର ଚୟନ କରି ଏହାକୁ ପ୍ରସ୍ତୁତ କରିଛି। ଆଧୁନିକ ମହିଳାମାନଙ୍କ ମଧ୍ୟରେ ଏଭଳି ଅଳଙ୍କାର ପ୍ରତି ଆଗ୍ରହ ବଢୁଛି ଯାହା ସ୍ୱତନ୍ତ୍ରତା, ବ୍ୟକ୍ତିତ୍ୱ ଓ ଯୁବ ସୁଲଭତା ପ୍ରଦାନ କରୁଛି। ତନିଷ୍କ ସେହି ପରିବର୍ତ୍ତନକୁ ନଜରରେ ରଖି ପ୍ରାକୃତିକ ରତ୍ନପଥରକୁ ନେଇ ଉଭୟ ନିତିଦିନିଆ ପରିଧାନ ଓ ସ୍ୱତନ୍ତ୍ର ଅବସର ପାଇଁ ଗହଣାଗୁଡ଼ିକୁ ପ୍ରସ୍ତୁତ କରିଛି।

# ସଫେଇ ସଚେତନତା ନେଇ ଗ୍ରାମାଂଚଳରେ ଶିବିର

ଭୁବନେଶ୍ୱର,୧୧।୪ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍(ଆଇବିସିଏସ୍)ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ବିଭିନ୍ନ ସଚେତନତା ବାର୍ତା ନେଇ ଭୁବନେଶ୍ୱର ନିକଟସ୍ଥ ଗ୍ରାମଗୁଡ଼ିକରେ ଏକ ସପ୍ତାହ ବ୍ୟାପୀ ଶିବିର ପରିଚାଳନା କରିଛନ୍ତି। କାର୍ଯ୍ୟକ୍ରମ ଗୁଡ଼ିକ ମଧ୍ୟରେ ଛାତ୍ରଛାତ୍ରୀମାନେ ଘର ଘର ବୁଲି ସାମାଜିକ ଓ ଅର୍ଥନୈତିକ ସର୍ଭେ, ସଚେତନତା ଅଭିଯାନ, ଅଗ୍ନି ସୁରକ୍ଷା ପ୍ରଶିକ୍ଷଣ, ସ୍ୱାସ୍ଥ୍ୟସେବା ଶିବିର, ଡିଜିଟାଲ ସ୍ୱାକ୍ଷରତା ଏବଂ ଏଆଇ ନେଇ ସଚେତନତା ବାର୍ତା ପ୍ରଦାନ କରିଛନ୍ତି। ମାର୍ଚ୍ଚ ୧୯ ରୁ ୨୫ ତାରିଖ ପର୍ଯ୍ୟନ୍ତ ଆଇଟିଇଆର୍ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ଭୁବନେଶ୍ୱର ଉପକଣ୍ଠସ୍ଥ ହରପୁର ଗ୍ରାମରେ ସ୍ୱତନ୍ତ୍ର ଶିବିର ପରିଚାଳନା କରିଥିବା ବେଳେ ଆଇବିସିଏସ୍‌ର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାର୍ଚ୍ଚ ୧୮ ରୁ ୨୪ ତାରିଖ ପର୍ଯ୍ୟନ୍ତ ନୂଆଗାଁରେ ଶିବିର ସ୍ଥାପନ କରିଥିଲେ।



ଆଇଟିଇଆରର ଛାତ୍ରଛାତ୍ରୀ ମାନେ ଅଭିନବ 'ବାୟୋ ସେବା' ବାର୍ତା ପ୍ରସାରିତ କରିଥିବା ବେଳେ ଏହା ମୁଖ୍ୟତଃ ବରିଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ବରିଷ୍ଠ ନାଗରିକଙ୍କ ସହ ସମୟ ବିତାଇ ସେମାନଙ୍କର ଯତ୍ନ ନେଇଥିଲେ ଏବଂ ଏଥି ସହିତ ସେମାନଙ୍କର ଆବଶ୍ୟକତାକୁ ପୂରଣ କରିବା ଦିଗରେ ପରିବାରବର୍ଗଙ୍କୁ ବୁଝାଇଥିଲେ। ସେହିପରି ସ୍ୱେଚ୍ଛାସେବୀମାନେ ଗ୍ରାମର ୬ଟି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ପରିବେଷଣ କରି ବାଲ୍ୟ ବିବାହ, ଯୌତୁକ ପ୍ରଥା, ସଫେଇ, ଋତୁସ୍ରାବ ସମୟରେ ସ୍ୱଚ୍ଛତା ଏବଂ ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ନେଇ ଭୋଟ ଦାନ ଅଧିକାର ସମ୍ପର୍କରେ ବୁଝାଇଥିଲେ ବୋଲି ଏନ୍‌ଏସ୍‌ଏସ୍‌ର କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହାନ୍ତ କହିଛନ୍ତି। ଆଇବିସିଏସ୍‌ର ସ୍ୱେଚ୍ଛାସେବୀମାନଙ୍କ ସହିତ ଅନୁଷ୍ଠାନର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି, ସୋଆ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ଏକତା ଓ ଶୃଙ୍ଖଳା ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଶ୍ରୀ ଅନନ୍ତ ପ୍ରସାଦ ନନ୍ଦ ଉପସ୍ଥିତ ଥିଲେ। କରାଯାଇଥିବା ସର୍ଭେରେ ପରିବାର ଗୁଡ଼ିକର ଜୀବନଶୈଳୀର ସ୍ତର, ଅର୍ଥନୈତିକ ଅବସ୍ଥା ଓ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ଜଣାପଡ଼ିଥିଲା। ସ୍ୱେଚ୍ଛାସେବୀମାନେ ସ୍ଥାନୀୟ ଏକ ବିଦ୍ୟାଳୟରେ ଶାରୀରିକ ପରିଚ୍ଛନ୍ନତା ଏବଂ ପରିବେଶ ସୁରକ୍ଷା ବିଷୟରେ ବୁଝାଇଥିଲେ।

# କର୍ମୀଙ୍କୁ ଅଣଦେଖା

କଂଗ୍ରେସ ଏକ ଜାତୀୟ ଦଳ ଏବଂ ଏହାର ରାଷ୍ଟ୍ରୀୟ ନେତା ହେଉଛନ୍ତି ମୁଖିଆ। ଯଦିଓ ଏବେ ମଲ୍ଲିକାର୍ଜୁନ ଖାର୍ଗେ ଆନୁଷ୍ଠାନିକ ଭାବେ ଦଳର ସଭାପତି ଅଛନ୍ତି, କିନ୍ତୁ ସେ କେବଳ ଜଣେ ଡମି ସଭାପତି। ଏହାକୁ କହନ୍ତି ଧର୍ମକୁ ଆଖିଠାର। ତାଙ୍କୁ ଆସନ ଅଳଙ୍କୃତ କରିବାକୁ କୁହାଯାଇଛି, କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା ତାଙ୍କର ନାହିଁ। ଦଳ ସମ୍ପୂର୍ଣ୍ଣ ଭାବେ ଗାନ୍ଧି-ନେହରୁ ପରିବାର ଦ୍ୱାରା ନିୟନ୍ତ୍ରିତ ଏବଂ ଏହି ପରିବାରର ମାଲିକାନାରେ ରହିଛି। ସୋନିଆ, ରାହୁଲ, ପ୍ରିୟଙ୍କା ଏପରିକି ରବର୍ଟ ଭଦ୍ରା ଯାହା ନିଷ୍ପତ୍ତି ନେବେ ତାହା ହିଁ ଚୁଡ଼ାନ୍ତ। ସେମାନଙ୍କ ନିଷ୍ପତ୍ତିକୁ ଅଗ୍ରାହ୍ୟ କରିବାର ସାହସ କାହାର ନାହିଁ। ଯେମିତି ମନମୋହନ ସିଂହଙ୍କୁ ରାହୁଲ ନନସେନ୍ସ କହି ନିଜ ଶକ୍ତି ପ୍ରଦର୍ଶନ କରୁଥିଲେ, ସେମିତି ରାହୁଲଙ୍କ ଇଙ୍ଗିତରେ ଖାର୍ଗେ ପରିଚାଳିତ ହେଉଛନ୍ତି। ତାଙ୍କର ନିଜସ୍ୱ କର୍ତ୍ତୃତ୍ୱ କିଛି ନାହିଁ। କିନ୍ତୁ ନିର୍ବାଚନରେ କଂଗ୍ରେସ ବାରମ୍ବାର ପରାଜିତ ହେଉଥିଲେ ମଧ୍ୟ ଏଥିଲାଗି କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ରାହୁଲ ଗାନ୍ଧି ନିଜକୁ ଉତ୍ତରଦାୟୀ କରୁ ନାହାଁନ୍ତି। ନିର୍ବାଚନ ପରାଜୟ ନିମନ୍ତେ କଂଗ୍ରେସର ରାଜ୍ୟ ଏବଂ ଜିଲ୍ଲା ସଭାପତିମାନଙ୍କୁ ଦାୟୀ କରାଯାଇ ସେମାନଙ୍କୁ ପଦଚ୍ୟୁତ କରାଯାଉଛି। କିନ୍ତୁ ନିର୍ବାଚନୀ ବିଫଳତା ନିମନ୍ତେ କେବଳ ରାହୁଲ ହିଁ ଦାୟୀ। ତାଙ୍କୁ ଭାରତବାସୀ ଦେଶର ପ୍ରଧାନମନ୍ତ୍ରୀ ଭାବେ ଯୋଗ୍ୟ ବିବେଚନା କରୁ ନାହାଁନ୍ତି। ଏହାକୁ କଂଗ୍ରେସ ନେତାମାନେ ନବୁଝି ନିର୍ବାଚନ ବିଫଳତା ନିମନ୍ତେ ତଳିଆ ନେତା ବା ପ୍ରାର୍ଥୀଙ୍କୁ ଦାୟୀ କରୁଛନ୍ତି। କିଛି ମାସ ତଳେ ଅହମ୍ମଦାବାଦରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଦଳର ପୁନର୍ଗଠନ ଏବଂ ଏହାର ପୁନରୁଦ୍ଧାର ନିମନ୍ତେ କିଛି ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରାଯିବ। ଦଳୀୟ ସଙ୍ଗଠନରେ ଆମୂଳଚୂଳ ପରିବର୍ତ୍ତନ କରାଯିବ। ଜିଲ୍ଲା କଂଗ୍ରେସ କମିଟିକୁ ସଙ୍ଗଠନକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ଡିସିସି ସଭାପତିମାନଙ୍କୁ ଅଧିକ କ୍ଷମତା ଏବଂ ଦାୟିତ୍ୱ ପ୍ରଦାନ କରାଯିବ। ଏହା ସହିତ ସେବାଦଳ ଭଳି ଦଳର ଛାମୁଆ ସଙ୍ଗଠନର ପୁନର୍ଗଠନ କରାଯିବ। ଅଧିକ ସଂଖ୍ୟାରେ ଯୁବକ, ମହିଳା, ଦଳିତ ଏବଂ ପଛୁଆ ବର୍ଗଙ୍କୁ ସଙ୍ଗଠନରେ ଗୁରୁତ୍ୱ ଦିଆଯିବ। ଦଳ ପକ୍ଷରୁ କୁହାଯାଇଛି ଯେ, ସାମାଜିକ ନ୍ୟାୟ ପ୍ରତିଷ୍ଠା ହେଉଛି କଂଗ୍ରେସର ଚରମ ରାଜନୈତିକ ଲକ୍ଷ୍ୟ। ବିଜେପି ଓ ଆରଏସଏସ ଦେଶକୁ ଧର୍ମ ଭିତ୍ତିରେ ବିଭାଜିତ କରିବାକୁ ଉଦ୍ୟମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହାର ଜବାବ ଦେବାକୁ କଂଗ୍ରେସ ସମାଜର ସବୁ ବର୍ଗକୁ ଏକାଠି କରିବା ନିମନ୍ତେ ଉଦ୍ୟମ କରିବ। ଦେଶରେ ସଂଖ୍ୟାଲଘୁ ବର୍ଗଙ୍କ ଉପରେ ଅତ୍ୟାଚାର ବଢ଼ୁଛି ଏବଂ ସାମ୍ପ୍ରଦାୟିକ ଶକ୍ତି ସକ୍ରିୟ ଅଛନ୍ତି। ଏହାର ମୁକାବିଲା ସହ କଂଗ୍ରେସ ସାମ୍ପ୍ରଦାୟିକ ସଦଭାବ ରକ୍ଷାଲାଗି ଉଦ୍ୟମ କରିବ। ଏହା ସହିତ ବିଜେପିକୁ କ୍ଷମତାଚ୍ୟୁତ କରିବା ନିମନ୍ତେ ସମଭାବାପନ୍ନ ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଦଳ ସହ କଂଗ୍ରେସ ହାତ ମିଳାଇବ ବୋଲି କହିଛି। ଉଲ୍ଲେଖ ଯୋଗ୍ୟ ଯେ, ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ କଂଗ୍ରେସ ସହଯୋଗୀ ଆରଜେଡି ଏବଂ ବାମପନ୍ଥୀ ଦଳମାନଙ୍କ ସହ ମେଣ୍ଟ ବା ଆସନ ବୁଝାମଣା କରି ଲଢ଼ିବ। ବିହାର ନିର୍ବାଚନରେ ନୀତିଶ କୁମାରଙ୍କୁ ପରାଜିତ କରିବା ହେଉଛି କଂଗ୍ରେସର ଚରମ ଲକ୍ଷ୍ୟ। ନୀତିଶ ନିର୍ବାଚନରେ ପରାଜିତ ହେଲେ କେନ୍ଦ୍ରରେ ଏନଡିଏ ସରକାର ଦୋହଲିଯିବ। ଚଳିତ ମାସରେ ପଶ୍ଚିମବଙ୍ଗ ବିଧାନସଭା ପାଇଁ ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନରେ ବିଜେପି, ଟିଏମସି ସହ କଂଗ୍ରେସ ଏବଂ ବାମପନ୍ଥୀ ସାମ୍ମୁଖ୍ୟ ମଧ୍ୟରେ ମୁକାବିଲା ହେଉଛି। ପଶ୍ଚିମବଙ୍ଗରେ ଶୋଚନୀୟ ପରାଜୟ ସୁନିଶ୍ଚିତ ଜାଣି ମଧ୍ୟ କଂଗ୍ରେସ ମେଣ୍ଟରେ ସାମିଲ ନହୋଇ ଏକାକି ନିଜ ଶକ୍ତିରେ ଲଢୁଛି ତାହା ବଡ଼ କଥା।

# ସାମୂହିକ ଚେତନା ଓ ଭାରତୀୟ ସମାଜ

**॥ ଗୋପାଳ ମହାପାତ୍ର ॥**

ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି?

ଭାରତୀୟ ସମାଜ ରାଜନୈତିକ କେନ୍ଦ୍ରିତ ନୁହେଁ, ଅଧିକତର ଭାବେ ସମାଜ କେନ୍ଦ୍ରୀତ। ଜାତି ଏବଂ ସଂପ୍ରଦାୟ ତଥା ଉପଜାତି ପ୍ରଥା ପ୍ରାଚୀନ କାଳରୁ ରହିଛି। ଦେଶରେ ବର୍ଗ ବିଭାଜନ ଏକ ତଥ୍ୟ ଅଟେ, କିନ୍ତୁ ଏହା ସାମାଜିକ ପ୍ରଖର ଚେତନା ନୁହେଁ। ଚେତନ ଏବଂ ଅବଚେତନ ଅବସ୍ଥା ପର୍ଯ୍ୟନ୍ତ ଜାତି ଓ ସଂପ୍ରଦାୟର ପରିଚୟ ଏବଂ ଏହା ପ୍ରତି ସାମୁହିକ ପ୍ରତିବଦ୍ଧତା ରହିଛି ହେଲେ ଜୀବନ ଜୀବିକା କଥା ମଧ ରହିଛି। ଜାତି ଓ ସଂପ୍ରଦାୟ ମାନେ ନିଜ ନିଜର ପରିଚୟକୁ ହିଁ ନିଜର ଅସ୍ତିତ୍ୱ ବୋଲି ମାନି ନେଇଥାନ୍ତି ଏବଂ ଏଥିପାଇଁ ଲଢେଇ ମଧ ଚାଲିଥାଏ। ସାଧାରଣ ସାମାଜିକ ବ୍ୟବହାରରେ ବିଶେଷ କରି କର୍ମକାଣ୍ଡ ଓ ପରମ୍ପରା ପାଇଁ ଲଢେଇ ଚାଲିଥାଏ। ବର୍ଗ ଚରିତ୍ର ବା ବର୍ଗ ସଂଘର୍ଷ ଔଦ୍ୟୋଗିକ କ୍ରାନ୍ତି ଏବଂ ବିଦେଶୀ ମାନସିକତାରୁ ସୃଷ୍ଟ ବୋଲି ଅନେକଙ୍କ ମତ। ବର୍ଗ ଚରିତ୍ର ଶାସନ ଅର୍ଥ ଚାରିପଟେ ଘୁରି ବୁଲୁଥାଏ। ଭାରତରେ କେବଳ ସମାଜ ନୁହେଁ ରାଜନୀତି ମଧ ଜାତି ଓ ସଂପ୍ରଦାୟର ପରିଧି ମଧ୍ୟରେ ଲୋକତାନ୍ତ୍ରିକ। ଦେଶ, ସମାଜ, ମୂଲ୍ୟବୋଧ ଭଳି ପ୍ରସଙ୍ଗ ଜାତି ଓ ସଂପ୍ରଦାୟର ଜାଲରେ ଛନ୍ଦିହୋଇ ପଡିଛି। ଏବେ ଜାତି ବିଭାଜନ, ସମାଜର ବିଭାଜନ ଏପରିକି ସାଂପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଭାଙ୍ଗିବାର ପ୍ରୟାସ ଚାଲିଛି। ବର୍ତ୍ତମାନର ସମାଜ ଅତୀତର ଗୌରବକୁ ଖୋଜିବାରେ ଲାଗିଛି। ଜାତି ଓ ସଂପ୍ରଦାୟର ଦ୍ୱାହି ଦେଇ ପ୍ରକୃତ ପ୍ରସଙ୍ଗକୁ ଦୁରେଇ ଦେବାର ଉଦ୍ୟମ ହେଉଛି। ସାଧାରଣ ଲୋକେ ମଧ ଏଥିରେ ଭ୍ରମିତ ହେଉଛନ୍ତି।

ପଶ୍ଚିମୀ ଦେଶ ମାନେ ଅନେକ ବର୍ଷ ପର୍ଯ୍ୟନ୍ତ ଧର୍ମଯୁଦ୍ଧ 'କୃସେଡ୍' ଲଢିଥିଲେ ଏବଂ ଅଶ୍ୱେତ (ଅଣଗୋରା) ମାନେ ଦୀର୍ଘ ଦିନର ସଂଘର୍ଷ ପରେ ସାଧାରଣ ନାଗରିକର ଅଧିକାର ପାଇଥିଲେ। ଭାରତରେ ଭିନ୍ନତା ବିଷମତା ରହିଛି। ଭାରତର ଅନେକ ଭାଷାଭାଷୀ ଲୋକ ରହୁଛନ୍ତି। ସେମାନଙ୍କର ଖାଦ୍ୟ ପାନୀୟ, ବେଶଭୁଷା, ସାମାଜିକ ଚଳଣି ଏବଂ ବିଚାର ମଧ ଭିନ୍ନ। ଗୋଟିଏ ଅଞ୍ଚଳରେ ମଧ ଏଭଳି ଭିନ୍ନତା ରହିଛି। ମଣିପୁର ହିଂସା ହେଉଛି ଏହାର ଏକ ସଦ୍ୟ ଉଦାହରଣ ଏବଂ ମଣିପୁର ଘଟଣାକୁ ନେଇ ସମାଜର ଭିନ୍ନ ଭିନ୍ନ ମତ ରହିଛି। ଏଭଳି ବିଷମତା ଏବଂ ଭିନ୍ନତା ଥିବା ଭାରତରେ ପ୍ରାକୃତିକ ବିପଦ ଏବଂ ଆକସ୍ମିକ ସ୍ଥିତିରେ ଏକଜୁଟତା ମଧ ଦେଖାଯାଇଥାଏ। ଅନ୍ୟ ପକ୍ଷରେ ନିର୍ବାଚନ ନେତାଙ୍କ ହାତର ଖେଳନା ବନି ଯାଇଛି। ଜଣକୁ ଅନ୍ୟ ଜଣକ ବିରୁଦ୍ଧରେ ଲଢେଇ ନେତା ଭୋଟ ଅକ୍ତିଆରରେ ବ୍ୟସ୍ତ। କିନ୍ତୁ ଏସବୁ ପରେ ମଧ ଦେଶର ସମସ୍ତେ ଗୋଟିଏ କଥା କହୁ ନଥିଲେ ମଧ ଅନେକ ସମୟରେ ସମାନ କଥା ହିଁ କହିଥାନ୍ତି ଯେଉଁଥିପାଇଁ ଅନେକ ସମସ୍ୟାର ସମାଧାନର ପନ୍ଥା ବାହାରିଯାଇଥାଏ। ବିଭାଜନ, ସବୁ ସ୍ତର ଓ ପ୍ରକାର ବିଭାଜନରେ ଗ୍ରସ୍ତ-ତ୍ରସ୍ତ ଭାରତ ଶହ ଶହ ବର୍ଷ ଇଂରେଜଙ୍କ ଅଧିନରେ ରହିଲା କାହିଁକି, ସେ କଥା ବୁଝିବା କଷ୍ଟକର ନୁହେଁ। ଯଦି ଆମେ ହଜାର ହଜାର ବର୍ଷ ପୂର୍ବର ରାଜା ମହାରାଜା ମାନଙ୍କ ଗୌରବ ଗାଥାକୁ ମନେ ପକାଇ ପାରିବା ତେବେ କିଛି ଶହ ବର୍ଷ ପୂର୍ବର ବାଦଶାହ ଓ ସୁଲତାନ ମାନଙ୍କର ଭଲ କଥା ସବୁକୁ ମନ ପକାଇବାରେ କ୍ଷତି କ'ଣ? ଅନେକ ପିଢୀ ହେବ ଯେଉଁମାନେ ଭାରତରେ ରହି ଆସୁଛନ୍ତି ଏବଂ ଯେଉଁମାନେ ଇଂରେଜ ଶାସନକୁ ଭାରତୀୟ ଭାବେ ବିରୋଧ କରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ୍ ହୋଇଥିଲେ ସେମାନଙ୍କ ଉତ୍ତରଦାୟାଦ ମାନଙ୍କୁ ଆକ୍ରମଣକାରୀଙ୍କ ଦାୟାଦ ଭାବିବା ଠିକ୍ ନୁହେଁ। ଇତିହାସ ଇତିହାସ ଅଟେ, ଏଥିରେ ଗର୍ବ କରିବାର ନାହିଁ କିମ୍ବା ଲଜ୍ଜିତ ହେବାର ନାହିଁ। କିନ୍ତୁ ଇତିହାସରୁ ଶିକ୍ଷାଲାଭ କରିବା ଉଚିତ୍। ଯିଏ ଇତିହାସରୁ ଶିକ୍ଷା ଲାଭ କରିନାହିଁ ତାର ଭବିଷ୍ୟତ ମଧ ନାହିଁ।

ଭିନ୍ନତାର ଅନ୍ତଃ ବିରୋଧ ସତ୍ତ୍ୱେ ଗାନ୍ଧୀ ଏ ଦେଶକୁ ନେତୃତ୍ୱ ଦେଇଥିଲେ। ଇଂରେଜ ମାନଙ୍କୁ ବିରୋଧ କରୁଥିବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଇଂରେଜ ମାନେ ମଧ ଭାବି ପାରିନଥିଲେ। କିନ୍ତୁ ଏ ଦେଶର କିଛି ତଥାକଥିତ ବିଶିଷ୍ଟ ବ୍ୟକ୍ତି ଗାନ୍ଧୀଙ୍କ ହତ୍ୟାକୁ ଠିକ୍ ବୋଲି କହୁଛନ୍ତି। ଆର୍ଥୀକ ଓ ସାମାଜିକ ସମତା ବିନା ସ୍ୱାଧୀନତା ଅଧୁରା ବୋଲି ଗାନ୍ଧୀ କହୁଥିଲେ। ଗରୀବର ଜାତି ନାହିଁ କି ଧର୍ମ ନାହିଁ। ଗରୀବ କେବଳ ଗରୀବ। ସମାନତା ପାଇଁ ସଂରକ୍ଷଣର ଆର୍ଥୀକ ଆଧାର ବର୍ଗୀୟ ଦୃଷ୍ଟିରୁ ନ୍ୟାୟପୂର୍ଣ୍ଣ ଲାଗିପାରେ କିନ୍ତୁ ମଇଳା ସଫା କରୁଥିବା ଲୋକଟିର ସମାଜିକ ମର୍ଯ୍ୟାଦା କ'ଣ ସେ କଥା କେହି କେବେ ଚିନ୍ତା କରିଛନ୍ତି କି? ବାବା ସାହେବ ଆମ୍ବେଦକରଙ୍କୁ ଜାତିଗତ ଭେଦଭାବର ଶିକାର ହେବାକୁ ପଡିଥିଲା। ତେବେ ସଂରକ୍ଷଣ ପାଇଁ ଆର୍ଥୀକ ଆଧାର କ'ଣ ଠିକ୍ ନୁହେଁ? ଦେଶର କିଛି ଗୋଷ୍ଠୀ ଗାନ୍ଧୀ ଓ ଆମ୍ବେଦକରଙ୍କୁ ବିରୋଧ କରୁଥିଲେ। ଗାନ୍ଧୀ ଚାହିଁଥିଲେ ଦେଶ ବିଭାଜନ ହୋଇନଥାନ୍ତା ବୋଲି ଅନେକଙ୍କ ମତ। ଏହି କଥାରେ ଅନେକ କଥା ଲୁଚି ରହିଛି। ଅର୍ଥାତ୍ ଗାନ୍ଧୀ କେବେ ହାରି ପାରନ୍ତିନି ବା ଗାନ୍ଧୀ ହାରିବା କଥା ନୁହେଁ। ଦେଶ ବିଭାଜନ ପାଇଁ ଗାନ୍ଧୀ ଦାୟୀ ନୁହଁନ୍ତି। ରାଷ୍ଟ୍ରୀୟ ଚେତନା ଏବଂ ବିବେକର ସାଂପ୍ରଦାୟିକ ପରିଚୟ ହିଁ ଦେଶର ବିଭାଜନର କାରଣ। ଗାନ୍ଧୀଙ୍କୁ କିନ୍ତୁ ଏଥିପାଇଁ ସମାଲୋଚନା କରାଯାଉଛି।

ଦଳିତ ଓ ଆଦିବାସୀ ସଂରକ୍ଷଣ ଏକ ବର୍ଗ ଚେତନାକୁ ଜାଗ୍ରତ, ସଂଗଠିତ ଏବଂ ବିକଶିତ କରିଥିଲା, ଯେଉଁ କାରଣରୁ ମଣ୍ଡଳ କମିଶନ ଜାତିଗତ ପରିଚୟକୁ ଗୁରୁତ୍ୱ ଦେଇଥିଲେ। ପଛୁଆ ଭାବେ ଚିହ୍ନିତ ଜାତି ମାନଙ୍କ ମଧ୍ୟରୁ ଅନେକ ଜାତି ଆର୍ଥୀକ ଓ ସାମାଜିକ ସ୍ତରରେ ସ୍ୱଚ୍ଛଳ ଥିବାବେଳେ ପଛୁଆ ବର୍ଗଙ୍କୁ ମିଳିବାକୁ ଥିବା ସବୁ ସୁବିଧା ହଡପ କରିନେଉଛନ୍ତି। ଦଳିତ ଆଦିବାସୀଙ୍କ ଅଧିକାର ଏବଂ ସୁବିଧା ମଧ କିଛି ପରିବାର ମଧ୍ୟରେ ସୀମିତ ରହିଗଲା। ବାସ୍ତବରେ ଯେଉଁମାନେ ସୁବିଧା ପାଇବା କଥା ସେମାନେ ପାଇଲେ ନାହିଁ। ଏଣୁ ଜାତି ଜାତି ମଧ୍ୟରେ ଅବିଶ୍ୱାସ ବଢିବାରେ ଲାଗିଲା। ଚେତନା ଜାତିରୁ ଯାଇ ପୁଣି ଜାତି ଉପଜାତି ପର୍ଯ୍ୟନ୍ତ ବିଭାଜିତ ହେଲା ଓ ଜାତି ଜାତି ଓ ଉପଜାତି ମଧ୍ୟରେ ଦୁରତା ବଢିଲା। ଏଣୁ ନେତାଙ୍କ ପାଇଁ ବିଭାଜନ କର ଏବଂ ଭୋଟ ପାଅର କ୍ଷେତ୍ର ପ୍ରସ୍ତୁତ ହୋଇଗଲା। ଆଧାତ୍ମିକ ଚେତନା ପାଇଁ ପ୍ରସିଦ୍ଧ ଏ ଦେଶର ଏଭଳି ଦୁର୍ଗତି ପାଇଁ ଦାୟୀ କିଏ? ଭୌତିକ ବାଦ ଠାରୁ ଆଧାତ୍ମ ହାରି ଯାଇଛି, ଆକର୍ମଣ୍ୟତା ଠାରୁ ପୁରୁଷାର୍ଥ ହାରିଯାଇଛି, ବର୍ଚସ୍ୱ ଠାରୁ ବିବେକ ହାରି ଯାଇଛି ଓ ସ୍ୱାର୍ଥ ଠାରୁ ପରମାର୍ଥ ହାରିଯାଇଛି। ଭାରତୀୟ ସମାଜ ଅବତାରବାଦ ଓ ଅତୀତ ପ୍ରତି ଆସକ୍ତ। କିନ୍ତୁ ରାମଙ୍କୁ ପାଇବା ପାଇଁ ସମାଜକୁ ଯୋଗ୍ୟ ହେବାକୁ ପଡିବ।

ରାମଚନ୍ଦ୍ରପୁର
ରଣପୁର ମୋ - ୯୪୩୮୪୮୫୦୯୪

# ମଶା, ମାଲେରିଆ ଓ ଯକୃତ

**॥ ଉମେଶ ଚନ୍ଦ୍ର ପାତ୍ର ॥**

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୦ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ଞ୍ଚିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ପେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି ।

ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୧୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି ।

ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ସ୍କ୍ରବ୍ ଟାଇଫଂସ ଓ ସ୍ୱାସ୍ଥ୍ୟ ସତର୍କତା

**॥ ପ୍ରଫୁଲ୍ଲ କୁମାର ଦାସ ॥**

ରାଜ୍ୟରେ ଏବେ ହୁ ହୁ ହୋଇ ଡେଙ୍ଗୁ ବ୍ୟାପୁଥିବା ବେଳେ ଆଉ ଏକ ରୋଗ ସ୍କ୍ରବ ଟାଇଫଂସକୁ ନେଇ ଚିନ୍ତା ବଢ଼ିଛି। ଏହା ଚିଗର ନାମକ ଏକ କୀଟ କାମୁଡ଼ିଲେ ହେଉଛି। ବିଲ ବା ଜଙ୍ଗଲ ଯାଉଥିବା ଲୋକଙ୍କୁ ଏହା ହେଉଛି। ଏହି ରୋଗର ଲକ୍ଷଣ ହେଉଛି ଜ୍ୱର ଲାଗି ରହିବା, ମୁଣ୍ଡ ବିନ୍ଧା ହେବା। ଏଥିସହ ରୋଗୀର ମୃତ୍ୟୁ ଘଟିବାର ମଧ ସମ୍ଭାବନା ରହିଛି। ଶରୀରର ଯେଉଁ ସ୍ଥାନକୁ ଏହି କୀଟଟି କାମୁଡ଼େ ସେଠାରେ ସ୍କିନ ଡେଡ ହୋଇଯାଏ। ଏହାର ପରୀକ୍ଷା ସବୁ ଜିଲ୍ଲା ହସ୍ପିଟାଲର ଡିଷ୍ଟ୍ରିକ୍ଟ ପବ୍ଲିକ ହେଲଥ ଲାବରୋଟୋରୀରେ ଏଲିଶା ପଦ୍ଧତିରେ କରାଯାଉଛି। ଚିହ୍ନଟ ହେଲେ ଚିକିତ୍ସା ସହଜ। ସାଧାରଣ ଆଣ୍ଟିବାୟୋଟିକ କାମ ଦେବ। ସାଧାରଣତଃ ଜୁଲାଇରୁ ନଭେମ୍ବର ମାସରେ ସ୍କ୍ରବ ଟାଇଫଂସ ସଂକ୍ରମଣ ଦେଖିବାକୁ ମିଳିଥାଏ। ସ୍ଥଳ ବିଶେଷରେ ଡିସେମ୍ବର ପର୍ଯ୍ୟନ୍ତ ମାଡ଼ିଥାଏ। ଚିଗର୍ସ ନାମକ ଏକ କୀଟ କାମୁଡ଼ିବା ଦ୍ୱାରା ଲୋକଙ୍କ ଶରୀରରେ ସଂକ୍ରମଣ ଆରମ୍ଭ ହୋଇଥାଏ। ସର୍ବସାଧାରଣ ପୋଖରୀ, ବିଲ ଜଙ୍ଗଲକୁ ଯାଉଥିବା ଲୋକ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ପୂର୍ବରୁ ଓଡ଼ିଶାରେ ସ୍କ୍ରବ ଟାଇଫଂସ ଦେଖିବାକୁ ମିଳୁ ନଥିବାବେଳେ ବିଗତ କିଛି ବର୍ଷ ହେବ ଏଥିରେ ବହୁ ସଂଖ୍ୟାରେ ଲୋକ ଆକ୍ରାନ୍ତ ହେଉଛନ୍ତି। ବୟସ୍କଙ୍କ ତୁଳନାରେ ଛୋଟ ପିଲା ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି। କେବଳ ଯେ ଗ୍ରାମାଞ୍ଚଳରେ ଏହି ସଂକ୍ରମଣ ହେଉଛି ତା ନୁହେଁ। ବରଂ ରାଜଧାନୀ ଭୁବନେଶ୍ୱରରେ ମଧ ଏହି ସଂକ୍ରମଣ ହେଉଛି।

ସ୍କ୍ରବ ଟାଇଫଂସରେ ଆକ୍ରାନ୍ତତ ବ୍ୟକ୍ତିଙ୍କ ଶରୀରରେ ତୀବ୍ର ଜ୍ୱର ସାଙ୍ଗକୁ ତଳିପେଟରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ଦେଖାଦେଇଥାଏ। ଯେଉଁ ସ୍ଥାନକୁ ଏହି କୀଟ କାମୁଡ଼ିଥାଏ ସେହି ସ୍ଥାନର ଚର୍ମ ମୃତ ହୋଇଯାଏ। ଯାହାକୁ ଏସ୍କର ଭାବେ ବିବେଚନା କରାଯାଉଛି। ୨୦୨୨ ମସିହାରେ ଜର୍ଣ୍ଣାଲ ଅଫ ଆପ୍ଲାଏଡ଼ ବାୟୋଲୋଜି ଓ ବାୟୋଟେକନୋଲୋଜିରେ ଓଡ଼ିଶା ସମେତ ଦେଶରେ ହୋଇଥିବା ସ୍କ୍ରବ ଟାଇଫଂସ ସଂପର୍କିତ ଏକ ସନ୍ଦର୍ଭ ପ୍ରକାଶ ପାଇଥିଲା। ୨୦୧୪ ମସିହାରେ ହଠାତ୍ ରାଜ୍ୟରେ ବହୁ ସଂଖ୍ୟାରେ ସ୍କ୍ରବ ଟାଇଫଂସରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଥିଲା। ଭୁବନେଶ୍ୱର ଅଞ୍ଚଳରୁ ୨୫ ଜଣ ଶିଶୁ କିମସ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦୧୧-୨୦୨୦ ମସିହା ମଧ୍ୟରେ ଓଡ଼ିଶାରେ କେବଳ ୭୯୮ ଜଣ ଆକ୍ରାନ୍ତ ବାହାରିଛନ୍ତି। ଦେଶରେ ସ୍କ୍ରବ ଟାଇଫଂସରେ ଭିନ୍ନ ଭିନ୍ନ ବର୍ଷରେ ହୋଇଥିବା ମୃତ୍ୟୁରେ ରାଜସ୍ଥାନ ଶୀର୍ଷରେ ରହୁଥିବା ବେଳେ ଓଡ଼ିଶା ଦ୍ୱିତୀୟ ଓ ତାମିଲନାଡୁ ରହିଛି। ମାତ୍ର ନିୟମିତଭାବେ ଉତ୍ତର-ପୂର୍ବ ଭାରତର ରାଜ୍ୟମାନେ ଆକ୍ରାନ୍ତଙ୍କ ସଂଖ୍ୟା ଓ ମୃତ୍ୟୁରେ ଶୀର୍ଷରେ ରହିଥିବା ଗବେଷକମାନେ ଦର୍ଶାଇଛନ୍ତି। ତେବେ ସ୍କ୍ରବ ଟାଇଫଂସରେ ହୋଇଥିବା ମୃତ୍ୟୁ ପଛର ପ୍ରମୁଖ କାରଣ ରହିଛି ରୋଗକୁ ବିଳମ୍ବରେ ଚିହ୍ନଟ, ଭୁଲ ଡାଏଗ୍ନୋସିସ ଓ ଡ୍ରଗ ରେଜିଷ୍ଟାନସ୍। ଏହାସହ ଅନେକ ରୋଗୀଙ୍କ ଠାରେ ମୃତ ଚର୍ମ ବା ଏସ୍କର ଦେଖିବାକୁ ନ ମିଳିବା ମଧ ରୋଗର ବିଳମ୍ବିତ ଚିହ୍ନଟରର ଅନ୍ୟତମ କାରଣ। ଡକ୍ସିସାଇକ୍ଲିନ ଓ ଆଜିଥ୍ରୋମାଇସିନ ଦ୍ୱାରା ଏହା ଭଲ ହୋଇପାରିବ। ଓଡ଼ିଶାରେ ସ୍କ୍ରବ ଟାଇଫଂସକୁ ନେଇ ବିଶେଷ ତଥ୍ୟ ନଥିବାରୁ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି କିଛି ଦିନ ତଳେ ଏକ ତିନି ଜଣିଆ ଡାକ୍ତରଙ୍କ ସ୍ୱାସ୍ଥ୍ୟ ସମୀକ୍ଷାଜନିତ ଓ ଏ ନେଇ ଗବେଷଣାତ୍ମକ ତଥ୍ୟ ପ୍ରକାଶ ପାଇଥିଲା।

ରାଜ୍ୟରେ ଏବେ ପ୍ରତିଦିନ ୨୦୦ରୁ ୨୫୦ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ଡେଙ୍ଗୁ ବଂଶ ବିସ୍ତାର ପାଇଁ ବର୍ତ୍ତମାନ ପାଣିପାଗ ଅନୁକୂଳ ରହିଛି। ବର୍ଷା ନ ଛାଡ଼ିବା ଯାଏ ରୋଗ କମିବ ନାହିଁ ବୋଲି ଅନୁମାନ କରାଯାଉଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୬୮,୬୧୦ ଜଣଙ୍କ ଡେଙ୍ଗୁ ଟେଷ୍ଟ କରାଯାଇଛି। ସେମାନଙ୍କ ମଧ୍ୟରୁ ୫୯୭ ଜଣ ପଜିଟିଭ ବାହାରିଛନ୍ତି। ଜୁଲାଇରୁ ଅକ୍ଟୋବରରେ ଡେଙ୍ଗୁର ପିକ ପିରିୟଡ଼। ଏଣୁ ସଚେତନ ହିଁ ଏକମାତ୍ର ମାଧ୍ୟମ। ସାମାନ୍ୟ ଚିକିତ୍ସାରେ ୯୮% ଲୋକ ଡେଙ୍ଗୁରୁ ଭଲ ହୋଇପାରିବେ। ତେଣୁ ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ। ପ୍ଲେଟଲେଟ କମିବା ନେଇ ଅଧିକ ବ୍ୟସ୍ତ ହୁଅନ୍ତୁ ନାହିଁ। ପ୍ଲେଟଲେଟ କାଉଣ୍ଟ ୨୦ ହଜାର ପର୍ଯ୍ୟନ୍ତ କମିଲେ ବି ବ୍ୟସ୍ତ ନହୋଇ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ବର୍ତ୍ତମାନ ବର୍ଷାଦିନ ଚାଲିଥିବାରୁ ନିଜେ ସ୍ୱାସ୍ଥ୍ୟ ସତର୍କତା ଅବଲମ୍ବନ କରନ୍ତୁ। ବାହାରକୁ ଯାଉଥିଲେ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରହିବା ନେଇ ସତର୍କ ରୁହନ୍ତୁ। ସିଝା ପାଣି ପିଅନ୍ତୁ, ଗରମ ଖାଦ୍ୟ ଓ ସୁଷମ ଖାଦ୍ୟ ଖାଆନ୍ତୁ। ଆମିଷ ନଖାଇଲେ ଭଲ। ମଦ୍ୟପାନ ବା କୌଣସି ପ୍ରକାର ନିଶାଦ୍ରବ୍ୟ ସେବନ ଠାରୁ ଦୂରେଇ ରହିବା ବାଞ୍ଛନୀୟ। ଫାଷ୍ଟଫୁଡ ଖାଦ୍ୟ, ବାହାର ଖାଦ୍ୟ, ଥଣ୍ଡା ଜାତୀୟ ଖାଦ୍ୟ ବା ପାନୀୟ ନଖାଇବା ଭଲ। ଫ୍ରିଜରେ କୌଣସି ବାସୀ ଖାଦ୍ୟ ରଖି ପରଦିନ ଏହାକୁ ଗରମ କରି ଖାଆନ୍ତୁ ନାହିଁ। ଯଥାସମ୍ଭବ ନିଜ ଘର ବିଶେଷକରି ଶୋଇବା ଘର ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଘର ଭିତରକୁ ଯେପରି ବିଶୁଦ୍ଧ ପବନ ଓ ଖରାର ଆଲୋକ ପଡୁଥିବ ସେ ଦିଗକୁ ଦେଖନ୍ତୁ। ଘରେ କୌଣସି ଅଦରକାରୀ ଜିନିଷ ରଖନ୍ତୁ ନାହିଁ, ରାତିରେ ମଶାରୀ ଟାଙ୍ଗି ଶୁଅନ୍ତୁ। ଯୋଗ ପ୍ରାଣାୟମ ଅଭ୍ୟାସ ଥିଲେ ସତର୍କତା ଅବଲମ୍ବନ କରି ଏହାକୁ ପାଳନ କରନ୍ତୁ। କିନ୍ତୁ ସାମାନ୍ୟ ବର୍ଷରେ ମଧ ତିନ୍ତି ମର୍ଣ୍ଣିଂଓ୍ୱାର୍କ କରନ୍ତୁନାହିଁ। ଶରୀରରେ ଜ୍ୱର ଲାଗି ରହୁଥିଲେ ସରକାରୀ ସ୍ୱାସ୍ଥ୍ୟସେବାର ସହାୟତା ନିଅନ୍ତୁ କିମ୍ବା ଡାକ୍ତରୀଙ୍କ ପରାମର୍ଶ ନିଅନ୍ତୁ। ତୁଟୁକା ତୁଟୁକି ଚିକିତ୍ସା ବା ଦେଶୀୟ ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ। ଅଧିକ ଦିନ ଜ୍ୱର ଲାଗିରହିଲେ ରକ୍ତ ପରୀକ୍ଷା କରି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ସ୍କ୍ରବ ଟାଇଫଂସକୁ ନେଇ ଏତେ ଭୟଭୀତ ହେବାର କୌଣସି କାରଣ ନାହିଁ। ପ୍ରାଥମିକ ସ୍ୱାସ୍ଥ୍ୟ ସତର୍କତା ଓ ଡାକ୍ତରୀ ପରାମର୍ଶରେ ଚିକିତ୍ସା ଗ୍ରହଣ କଲେ ଆପଣ ଆରୋଗ୍ୟ ଲାଭ କରିବେ।

ଦୂରଭାଷ : ୯୪୩୭୦୨୩୪୪୩,

## ପିଚୁ ରାସ୍ତା କାମରେ ଅବହେଳା, ଲୋକମାନଙ୍କ ଅସନ୍ତୋଷ ବୃଦ୍ଧି

ମାଲକାନଗିରି, (ମହାଭାରତ) : ଗ୍ରାମୀଣ ଅଞ୍ଚଳରେ ନବନିର୍ମିତ ପିଚୁ ରାସ୍ତା କାମ ନେଇ ଗୁରୁତର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ରାସ୍ତା ନିର୍ମାଣ କାମ ଠିକ୍ ଭାବରେ ହୋଇନଥିବାରୁ କିଛି ଦିନ ମଧ୍ୟରେ ରାସ୍ତାର ଅନେକ ସ୍ଥାନରେ ଚିପ୍ସ ଗୋଡି ଉଠି ଯାଉଛି କ୍ଷ ରାସ୍ତା ରୁ ସମ୍ପୂର୍ଣ୍ଣ ଚିପ୍ସ ଉଠି ଏକାଠି ଠୁଳ ହୋଇଯାଉଛି । ଏପରି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ପୁସୁସଗୁଡା ପଞ୍ଚାୟତ ଅନ୍ତର୍ଗତ ଏମ.ପି.ଭି-୫୫ ଛକରୁ ମାଲାଭାରମ୍ ପଂଚାୟତ ଛକ ପର୍ଯ୍ୟନ୍ତ ପ୍ରାୟ ୧.୮ କି.ମି. ରାସ୍ତା କାମକୁ ନେଇ ଉଠିଛି ଗୁରୁତର ଅଭିଯୋଗ। ଏମ.ପି.ଭି-୫୫ ,ଏମ.ଭି-୧୨୮, ଏ ମ.ଭି-୮୮ ଏହି ସବୁ ଗ୍ରାମକୁ ସଂଯୋଗ କରୁଥିବା ଓ ମାଲାଭାରମ୍‌କୁ ସଂଯୋଗ କରୁଥିବା ଏହି ରାସ୍ତାର କାମ କେବଳ ୨୦ ଦିନ ପୂର୍ବରୁ ସମାପ୍ତ ହୋଇଥିବା ସତ୍ତ୍ୱେ, ଏହାର ଗୁଣମାନ ନେଇ ଏବେ ପ୍ରଶ୍ନ ଉଠିଛି। ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ, ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଠିକ୍? ନିୟମ ନମାନି କାମ ନ କରିବା ଫଳରେ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ପିଚୁ ମାତ୍ରା ଅତି କମ ଥିବାରୁ ରାସ୍ତା ତମାମ ଚିପ୍ସ ଖେଳେଇ ଯାଇଛି ଯାହାକି ଦୁଇ ଚକିଆ ଯାନ ପାଇଁ ଦୁର୍ଘଟଣା ଗ୍ରସ୍ତ ହେବାର ସମ୍ଭାବନା ବଢ଼ାଉଛି । ବର୍ଷା ଆସିବା ପୂର୍ବରୁ ଏଭଳି ରାସ୍ତାର ଅବସ୍ଥା ଲୋକଙ୍କୁ କଷ୍ଟ ଦେଉଛି । ସ୍ଥାନୀୟ ଅଂଚଳ ର ଗ୍ରାମ ଲୋକଙ୍କ ଅଭିଯୋଗ ଅନୁସାରେ, ରାସ୍ତା କାମ ସମୟରେ ମଧ୍ୟ ନିମ୍ନମାନର କାମ ହେଉଥିବାକୁ ନେଇ ଏମ.ଭି ୧୨୮ ଗ୍ରାମ ବାସୀ ଅନେକ ପ୍ରତିବାଦ କରିଥିଲେ ହେଲେ କେହି କର୍ଣ୍ଣପାତ କରିନଥିଲେ । ବିନା କୌଣସି ନାମ ଫଳକ ରେ କାର୍ଯ୍ୟ ତରବରିଆ ଭାବେ ଅବହେଳା କରାଯାଇ କାମ ସମାପ୍ତ କରାଯାଇଛି। ବର୍ତ୍ତମାନ ରାସ୍ତାର ବିଭିନ୍ନ ସ୍ଥାନରେ ଖରାପ ନିର୍ମାଣର ପ୍ରମାଣ ଦେଖିବାକୁ ମିଳୁଛି, ଯାହା ଯାତାୟାତକୁ ବିପଦଜନକ କରିଛି। ଲୋକମାନେ ଦାବି କରିଛନ୍ତି ଯେ, ଏହି କାମର ଗୁଣମାନ ଯାଞ୍ଚ କରାଯାଇ ଦୋଷୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ। ସ୍ଥାନୀୟ ପ୍ରଶାସନଙ୍କ ଧ୍ୟାନ ଆକର୍ଷଣ ପାଇଁ ଲୋକମାନେ ଏହାକୁ ଏକ ଗୁରୁତର ସମସ୍ୟା ଭାବେ ଉଠାଇଛନ୍ତି। ଗ୍ରାମବାସୀମାନେ ଶୀଘ୍ର ରାସ୍ତାର ପୁନଃମରାମତି ଓ ଉଚ୍ଚ ମାନର କାମ କରାଯିବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଛନ୍ତି।

## ମେସିନପୋଡା ଘଟଣା : ପରିବାରକୁ ଆକ୍ରମଣ ଘଟଣାରେ ୨ଗିରଫ,୧ଫେରାର



ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ରସୋଳଥାନା ବ୍ରହ୍ମପୁର ଅଞ୍ଚଳରରେ ଚେନମେସିନ ପୋଡା ଘଟଣରେ ଗଣ୍ଡଗୋଳ ଘଟି ଦୁଇ ଗିରଫ ହୋଇଛନ୍ତି। ଖବରରୁ ପ୍ରକାଶ ବ୍ରହ୍ମପୁରରେ କ୍ଷୀରୋଦ ଦେହୁରୀ ତାଙ୍କ ମେସିନ ପୋଡ଼ିବାକୁ ନେଇ ରସୋଳ ଥାନାରେ କରିଥିବା ଅଭିଯୋଗର ତଦନ୍ତ ଚାଲିଥିବାବେଳେ କ୍ଷୀରୋଦଙ୍କ ଭାଇ ନିରୋଦ ଦେହୁରୀଙ୍କୁ ମାରପିଟ କରିବାସହ ପରିବାର ଉପରେ ଆକ୍ରମଣ ଓ ଧମକଚମକକୁ ନେଇ କ୍ଷୀରୋଦ ଗତ ଦୁଇଦିନ ତଳେ ଓଡାପଡା ଅଞ୍ଚଳରେ ସଂଜୀବ ଘୋଷଙ୍କ ସହଯୋଗୀମାନଙ୍କ ନାମରେ ରସୋଳ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ରସୋଳ ପୋଲିସ ରାହୁଲ ମହାରଣା,ସଂଗ୍ରାମ ସେଠି ଓ କାନ୍‌ହା ତିନିଜଣଙ୍କ ନାମରେ ରସୋଳଥାନା କେଶନଂ-୯୩/୨୬ରେ ମାମଲା ରୁଜୁ କରି ଜିତେନ୍ ମହାରଣା,ସଂଗ୍ରାମ ସେଠିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ କାନ୍‌ହା ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ। ତେବେ ଏହି ଆକ୍ରମଣରେ ମୁଖ୍ୟ ସୂତ୍ରଧର ସହ ଫେରାର ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ ଦାବି କରିଛନ୍ତି କ୍ଷୀରୋଦଙ୍କ ପରିବାର ଓ ବ୍ରହ୍ମପୁର ଅଞ୍ଚଳବାସି ଦାବି କରିଛନ୍ତି।

## ବିଦ୍ୟାଳୟ ପରିସରରେ ପାନୀୟଜଳର ସଙ୍କଟ ହେତୁ ଛାତ୍ର ଛାତ୍ରୀ ହନ୍ତସନ୍ତ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ବଡସିଲିଙ୍ଗା ଗ୍ରାମପଞ୍ଚାୟତ ଅଧୀନସ୍ଥ ଗୋଛାବାରୀ ପ୍ରକ୍ଷଥମିକ ବିଦ୍ୟାଳୟ ପରିସରରେ ଥିବା ସୌର ଚଳିତ ପମ୍ପ ଅଚଳ ହେତୁ ହନ୍ତସନ୍ତ ହେଉଛନ୍ତି ଛାତ୍ର ଛାତ୍ରୀ । ଉକ୍ତ ବିଦ୍ୟାଳୟଟି ଶିଶୁ ବଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳରୁ ଆଦିବାସୀ, ହରିଜନ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ପାଣି ଟୋପେ ପାଇଁ ତହକ ବିକଳ ହେଉଛନ୍ତି । ପିଇବା ପାଣି ର ଅଭାବ ହେତୁ ଛାତ୍ର ଛାତ୍ରୀ ମାନେ ନିକଟସ୍ଥ ଗାଁ କୁ ଯାଉଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟ ପରିସରରେ ଥିବା ସୋଲାର ପମ୍ପ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଆଜକୁ ଦୀର୍ଘ ଦିନ ହେଲା ଅଚଳ ହେତୁ ପାଣି ର ସମସ୍ୟା ଦେଖିବାକୁ ମିଳିଛି । ଏ ନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହିତ ତୁରନ୍ତ ମରାମତି କରି ଛାତ୍ର ଛତ୍ରୀ ଙ୍କୁ ପାଣି ଯୋଗାଇ ଦେବା ନିମନ୍ତେ ସାଧାରଣ ରେ ଦାବୀ ହେଉଅଛି ।

## ୱାଗନ ଧକାରେ ସିକ୍ୟୁରିଟି କର୍ମଚାରୀଙ୍କ ମୃତ୍ୟୁ : ପରିବାରକୁ ପୂର୍ଣ୍ଣ ସହଯୋଗ କରିବ ବୋଲି ପୁଲିସ ଦେଇଛି ଦୃଢ ପ୍ରତିଶ୍ରୁତି

ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳ ରେ କେଆଇସିଟି ଅଧୀନରେ କାର୍ଯ୍ୟ କରୁଥିବା ବ୍ଲୁ ଷ୍ଟାର ସିକ୍ୟୁରିଟି ସଂସ୍ଥାର ଜଣେ ସୁରକ୍ଷା କର୍ମଚାରୀ ନୟନ କିଶୋର ବର୍ଡ଼ିୟାଙ୍କ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଶୋଚନୀୟ ମୃତ୍ୟୁ ଘଟିଛି । ସେକେଣ୍ଡ ସିଫ୍‌ଟ ଡ଼ିୟୁଟିରେ ୱାଗନ ଟିପ୍ଲର ସାଇଡରେ ନୟନ ଡ଼ିୟୁଟି କରୁଥିବା ସମୟରେ ଖାଲି ୱାଗନ ତାଙ୍କୁ ଧକ୍କା ଦେଇ ଚଢି ଯିବା ଦ୍ୱାରା ତାଙ୍କ ଶରୀର ଦୁଇଖଣ୍ଡ ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ମୃତ ନୟନଙ୍କ ବୟସ ୫୧ ବର୍ଷ ହୋଇଥିଲା ବେଳେ ଘର ଗଞ୍ଜାମ ଜିଲ୍ଲା ର ନୂଆଗାଁ ଅଞ୍ଚଳରେ କ୍ଷ ତାଙ୍କର ଦୁଇ ପୁଅ ଜଣଙ୍କର ବୟସ ୧୨ ବର୍ଷ ହୋଇଥିଲା ବେଳେ ଆଉଜଣଙ୍କର ୧୦ବର୍ଷ ବୋଲି ଜଣାପଡିଛି । ବାପା ବନ୍ଦର କର୍ମଚାରୀ ଭାବେ କାର୍ଯ୍ୟକରି ଅବସର ନେଲାପରେ ତାଙ୍କର ଦେହାନ୍ତ ହୋଇଥିଲା। ମାଆ ଯୋଉ ପେନସନ ପାଉଥିଲେ ସେଥିରେ ପରିବାର ପୋଷଣ କରୁଥିଲେ। ମାଆ ଙ୍କ ଦେହାନ୍ତ ପରେ ନୟନ ଙ୍କ ଉପରେ ପରିବାର ର ବୋଝ ପଡିଥିଲା । ଏବେ ଏକମାତ୍ର ଭଉଣୀ ର ବିଭାଘର ଏବଂ ପରିବାର ପ୍ରତିପୋଷଣ ପାଇଁ ଚିନ୍ତାରେ ପଡିଛନ୍ତି ପରିବାର । ନୟନଙ୍କ ମୃତ୍ୟୁ ପରେ ବେସାହାରା ହୋଇ ପଡ଼ିଥିବା ତାଙ୍କ ଧର୍ମପତ୍ନୀଙ୍କୁ ଚାକିରୀ ଦେବାସହ ସବସଂସ୍କାର ପାଇଁ ସିକ୍ୟୁରିଟି ସଂସ୍ଥା ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ଲିଖିତ ଭାବେ ଜଣାଇ ଥିଲାବେଳେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ପ୍ରତିଶ୍ରୁତି ଦେବା ପରେ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଥିଲା ।

# ପାରାଦୀପରେ ନିଶା କବଳରେ ଯୁବପିଢ଼ି ! ଜଙ୍ଗଲରେ ଯୁବକଙ୍କୁ ବାନ୍ଧି ମରଣାନ୍ତକ ଆକ୍ରମଣ

ପାରାଦୀପ, (ମହାଭାରତ) : ପାରାଦୀପର ଷଣ୍ଢକୁଦ ଅଞ୍ଚଳ ଦିନକୁ ଦିନ ଅଶାନ୍ତ ହୋଇପଡୁଛି । ଚୋରା ମଦ, ଗଞ୍ଜେଇ, ପାଉଡର ବେପାରୀଙ୍କ ଭୂସ୍ୱର୍ଗ ପାଲଟିଛି ଷଣ୍ଢକୁଦ ବସ୍ତି। ତିନିଗୋଟି ୱାର୍ଡ କୁ ନେଇ ଗଠିତ ଏହି ବସ୍ତି ରେ ପ୍ରାୟତଃ ଶ୍ରମିକ ଶ୍ରେଣୀ ର ଲୋକ ବସବାସ କରୁଥିବା ବେଳେ ଅଧିକାଂଶ ଲୋକ ନିଶା ସେବନ କରିବା ସହିତ ବସ୍ତିରେ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରୁଥିବାର ଦେଖିବାକୁ ମିଳିଛି । ଷଣ୍ଢକୁଦ ଛକ ରୁ ମାଛ ମାର୍କେଟ ଯିବା ରାସ୍ତାର ପାର୍ଶ୍ୱରେ ଏକାଧିକ ଚୋରାମଦ ଓ ଗଞ୍ଜେଇ ବେପାର ହେଉଥିବାରୁ ସନ୍ଧ୍ୟା ସମୟରେ ଏହି ରାସ୍ତାରେ ଯିବା ଆସିବା କଷ୍ଟକର ହୋଇପଡୁଛି । ଏହି ନିଶା ସେବନ ଓ କାରବାର ଏତେ ବୃଦ୍ଧି ପାଇଛି ଅନେକ ପରବାର ଉଜୁଡି ଯାଉଥିବା ବେଳେ ଅନେକ ପରିବାରରେ ବିଶୃଙ୍ଖଳା ଦେଖିବାକୁ ମିଳିଛି । ଯାହାର ସଦ୍ୟତମ ଉଦାହରଣ ପାଲଟିଛି ଜଣେ ଯୁବକକୁ ଡାକିନେଇ ଝାଉଁ ଜଙ୍ଗଲ ମଧ୍ୟରେ ଗଛ ଡାଳରେ ବାନ୍ଧି ନିସ୍ତୁକ ମାଡ଼ ମାରିବା ଏବଂ ଏନେଇ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ସୂଚନା ଅନୁଯାୟୀ ଷଣ୍ଢକୁଦ ବସ୍ତିର ନମିତା ଦେଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପୁଅ ସମୀର ଦେ ତାଙ୍କର ସାଙ୍ଗ ମାନଙ୍କ ସହିତ ବସିଥିବା ସମୟରେ ଏଥିମଧ୍ୟରୁ ଶଙ୍କର ମଣ୍ଡଳ, ଗଦା ମଣ୍ଡଳ ଓ ଦୀପକ ନାମାଧାରୀ ତିନିଜଣ ଯୁବକ ଝାଉଁ ଜଙ୍ଗଲକୁ ଡାକିନେବା ସହିତ ଝାଉଁ ଗଛରେ ବାନ୍ଧି ମୋବାଇଲ ଚୋରି କରି ନିସ୍ତୁକ ମାଡ଼ ମାରିବା ସହିତ ଦେହ ସାରା ମାଡ଼ର ଚିହ୍ନ ସ୍ୱଷ୍ଟ ଦେଖା ଯାଉଛି। ଯାହାକୁ ନେଇ ଉକ୍ତ ଯୁବକ ମାନଙ୍କ ଦ୍ୱାରା ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ସମୀରଙ୍କ ମା ଜଟାଧାର ଥାନାରେ ଏତଲା ଦେବା ସହିତ ନ୍ୟାୟଭିକ୍ଷା କରିଛନ୍ତି । ଏହିସବୁ ସମସ୍ୟାର ପ୍ରମୁଖ କାରଣ ପାଲଟିଛି ନିଶା । ଏହି ଘଟଣାରେ ଜଡିତ ସମସ୍ତ ଯୁବକ ନିଶା ସେବନ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଜଟାଧାର ସାମୁଦ୍ରିକ ଥାନା ପୋଲିସ କେବଳ ପେଟ୍ରୋଲିଙ୍ଗ ରେ କାର୍ଯ୍ୟ ସାରିଦେଉଥିବା ବେଳେ ଯେଉଁ ରାସ୍ତାରେ ନିଶାଡିଙ୍କ ଆଡ୍ଡା ଜମୁଛି, ନିଶା ବେପାର ଚାଲିଛି ତାହା କିଭଳି ଜଟାଧାର ସାମୁଦ୍ରିକ ଥାନାର ପୋଲିସଙ୍କ ନଜରରେ ପଡୁନାହିଁ ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିକଟରେ ଜଣେ ଯୁବକ ନିଶା ସେବନ କରି ଯେଉଁଭଳି ବସ୍ତି ର ମହିଳା ମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା, ଘରେ ପଶି ଆକ୍ରମଣ କରିବା ଇତ୍ୟାଦି ଘଟଣା କୁ ନେଇ ଜଟାଧାର ଥାନାରେ ଏତଲା ଦିଆଯାଇଥିଲେ ମଧ୍ୟ ଅଭିଯୁକ୍ତ କୁ ଧରି ଥାନାରେ ଗୋଟିଏ ଦିନ ରଖିବା ପରେ ତାକୁ ଛାଡିଦିଆଯାଇଥିବାକୁ ନେଇ ବସ୍ତିର ମହିଳା ମାନେ ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଅନ୍ୟପକ୍ଷରେ ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା ଚୋରା ନିଶା କାରବାରକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ଜିଲ୍ଲାର ବିଭିନ୍ନ ଥାନା ତରଫରୁ ଚଢ଼ାଉ କରି ନିଶା ବେପାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ବେଳେ ଜଟାଧାର ଥାନା ଅଞ୍ଚଳରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି । ପୋଲିସ ଓ ଅବକାରୀ ବିଭାଗ ର କିଛି କର୍ମଚାରୀ ଏହି ନିଶା ବେପାରୀଙ୍କ ଠାରୁ ପକେଟ ଗରମ କରି ଏମାନଙ୍କୁ ଖୋଲାରେ ବେପାର କରିବାକୁ ସୁଯୋଗ ଦେଉଥିବା ନେଇ କିଛି ସ୍ଥାନୀୟ ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି । ତେବେ ପାରାଦୀପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବରେ ଆସୁଥିବା ଯୁବ ଆଇପିଏସ ଅଜିଙ୍କ୍ୟ ବାବୁରାଓ ଯୋଗଦେବା ପରେ ଏହି ଚିତ୍ର ବଦଳିଯିବ ବୋଲି କିଛି ଷଣ୍ଢକୁଦ ବସ୍ତି ବାସିନ୍ଦା ପ୍ରକାଶ କରିଥିବା ବେଳେ ଜଗତସିଂହପୁର ରେ ଏହି ଯୁବ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ବେଶ ପ୍ରଶଂସନୀୟ ରହିଥିବା ବେଳେ ଷଣ୍ଢକୁଦ ବସ୍ତିରେ ଏହି ଯୁବକକୁ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ରେ ପୋଲିସ କିପରି ନ୍ୟାୟ ପ୍ରଦାନ କରୁଛି ତାହା ଦେଖିବାକୁ ବାକି ରହିଲା ।



## ଆମ୍ବେଦକର ଜୟନ୍ତୀ ଚୂଡାନ୍ତ ପ୍ରସ୍ତୁତି ବୈଠକ ଜୟନ୍ତୀରେ ବିଶାଳ ଶୋଭାଯାତ୍ରା

ପାଟଣାଗଡ ( ମହାଭାରତ ) ପାଟଣାଗଡ଼ ସ୍ଥାନୀୟ ବାବାଜୀପଡା କମ୍ୟୁନିଟି ଗୃହ ଠାରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଏଂବ ଲକ୍ଷେ ଘର ଗଣ୍ଡା ସମାଜ ମିଳିତରେ ବାବା ସାହେବ ଆମ୍ବେଦକରଙ୍କର ୧୩୫ ତମ ଜନ୍ମ ଜୟନ୍ତୀ ପାଳନ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଲକ୍ଷେ ଘର ଗଣ୍ଡା ସମାଜର ଉପଖଣ୍ଡ ସମ୍ପାଦକ ଜୟନ୍ତ କୁମ୍ଭାର ସଭାପତିତ୍ୱ କରିଥିଲେ। ବୈଠକରେ ଆମ୍ବେଦକର ଜୟନ୍ତୀ ପାଳନକୁ ସରସ ସୁନ୍ଦର ସହ ସଫଳ କରିବା ପାଇଁ ବିଭିନ୍ନ କମିଟି କରି ଦାୟିତ୍ୱ ପ୍ରଦାନ କରାଗଲା। ଉକ୍ତ ଦିନ ପାଟଣାଗଡ଼ ଗଡ଼ ଭିତର ଯାତ୍ରା ପଡ଼ିଆ ଠାରୁ ଆଦିବାସୀଙ୍କ ପାରମ୍ପାରିକ ସଶସ୍ତ୍ର ଶୋଭାଯାତ୍ରା ଓ ଗଣ୍ଡା ବଜାର ତାଳେ ତାଳେ ସହର ପରିକ୍ରମା କରି ରମାଇ ହାଇସ୍କୁଲ ପଡ଼ିଆ ସଭା ସ୍ଥଳ ପର୍ଯ୍ୟନ୍ତ ପହଞ୍ଚିବ । ଏହି କାର୍ଯ୍ୟକ୍ରମରେ ପାଞ୍ଚ ହଜାର ରୁ ଉର୍ଦ୍ଧ ଆଦିବାସୀ ଦଳିତ ଯୋଗଦେବାର ପ୍ରସ୍ତାବ ରହିଛି। ଆଜିର ପ୍ରସ୍ତୁତି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଯୁଗ୍ମ ସମ୍ପାଦକ ଗିରିରାଜ ଭୋଇ, ଆମ୍ବେଦକର ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମଣ ବାଗ, ପଙ୍କଜ ଭୋଇ, ଜଗଦାନନ୍ଦ ମିର୍ଦ୍ଧା, ଲଳିତ ମିର୍ଦ୍ଧା, ଗୌରାଙ୍ଗ ବରିହା, ଗନ୍ଧର୍ବ ସୁନା,ଗୋବିନ୍ଦ ନାଗ, ଜୈଚନ୍ଦ୍ର ନାଗ, ମୁକେଶ ଗୁର୍ଲ୍ଲା,ଧନେଶ୍ୱର ନାଗ, ମନୋଜ ତାଣ୍ଡି, ପ୍ରଦୀପ କୁମ୍ଭାର,ବୀରେନ୍ଦ୍ର ତାଣ୍ଡିଙ୍କ ସହିତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଓଡିଶାର ଭେଷଜ ଗବେଷଣା ଓ ସ୍ୱାସ୍ଥ୍ୟ ସେବା ପ୍ରତିଷ୍ଠାନ (ଓମ୍ରା)ର ବାର୍ଷିକ ଉତ୍ସବ

ନିଆଳୀ, (ମହାଭାରତ) : ଆଜି ଅପରାହ୍ନ ୪ଟା ରେ ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଓମ୍ରା ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଓମ୍ରା ର ସଭାପତି ଡାକ୍ତର ଚିତ୍ତରଞ୍ଜନ ମିଶ୍ରଙ୍କର ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭା ରେ ସମ୍ମାନୀତ ଅତିଥି ଭାବରେ ପ୍ରଫେସର ଡାକ୍ତର ନିରଞ୍ଜନ ରାଉତ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ନିରଞ୍ଜନ ସ୍ୱାଇଁ, ଆଡଭୋକେଟ ମନ୍ଦାକିନୀ ଜେମା ,ନିବେଦିତା ମହାନ୍ତି ଯୋଗ ଦେଇଥିଲେ। ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ପରିଚୟ ଓ ଅନୁଷ୍ଠାନ ସମ୍ପର୍କ ରେ ଡାଃ ମିଶ୍ର ପ୍ରାରମ୍ଭ ରେ ସୂଚନା ଦେଇଥିଲେ। ସମ୍ପାଦିକା ନଳିନୀ ପ୍ରଭା ମିଶ୍ର ବିବରଣୀ ପାଠ କରିଥିଲେ। ଓମ୍ରା ସମ୍ପର୍କିତ ଫଟୋ ଓ ଭିଡ଼ିଓ ପ୍ରଦର୍ଶନ କରାଯାଇଥିଲା। ନିଆଳି ଓ କଣ୍ଟାପଡ଼ା ବ୍ଲକ ରେ ନିକଟରେ ଆରମ୍ଭ କରାଯାଇଥିବା ଟିଆଇ ପ୍ରୋଜେକ୍ଟ ସମ୍ପର୍କ ରେ ଓମ୍ରା ର ସଂଚାଳକ ଗଣେଶ ଚନ୍ଦ୍ର ଦାଶ ସୂଚନା ଦେଇଥିଲେ। ଓମ୍ରା ର ଅବିନାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଚିତ୍ତରଞ୍ଜନ ସେବା ସଦନ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଫେସର ସୌମ୍ୟରଞ୍ଜନ ମିଶ୍ର ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।ସଭା ରେ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ର କର୍ମକର୍ତ୍ତା, ସାମ୍ବାଦିକ, ଶିକ୍ଷାବିତ, ସମାଜସେବୀ ତଥା ଓମ୍ରା ର କର୍ମଚାରୀ ମାନେ ଯୋଗ ଦେଇ ଥିଲେ।

## ଆର୍ଥିକ ଅନିୟମିତତା ଓ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣା ପାଇଁ ନିଲମ୍ବିତ ହେଲେ ପ୍ରଧାନ ଶିକ୍ଷକ

ଆସିକା, (ମହାଭାରତ) : ଆର୍ଥିକ ଅନିୟମିତତା ଓ ମଧ୍ୟାହ୍ନ ଭୋଜନ ଚାଉଳ ହଡପ କରିଥିବା ଘଟଣାରେ ନିଲମ୍ବିତ ହୋଇଛନ୍ତି ନୋଡାଲ ଉଚ୍ଚ ପ୍ରାଥମିକ ଉଚ୍ଚବିଦ୍ୟାଳୟ ଲଣ୍ଡାଜୁଆଳିର ପ୍ରଧାନ ଶିକ୍ଷକ ସୁମନ ବାଡ଼ତ୍ୟା। ଗତ ମାର୍ଚ୍ଚ ୨୩ ତାରିଖ ଦିନ ବିଦ୍ୟାଳୟ ରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଆସିକା ଗୋଷ୍ଠୀ ଶିକ୍ଷାଧିକାରିଣୀ ମୁନରାଣୀ ମହାନ୍ତି,ସହକାରି ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡା ଉଭୟେ ମିଶି ଏହି ବିଦ୍ୟାଳୟ କୁ ଯାଇଥିଲେ। ପୂର୍ବ ସୂଚନା ପ୍ରକାରରେ ବିଦ୍ୟାଳୟ ର ସମସ୍ତ ନଥିପତ୍ର ଛାତ୍ର ଛାତ୍ରୀ ଉପସ୍ଥାନ ଖାତା ଯାଞ୍ଚ ବେଳେ ଦେଖିବାକୁ ପାଇଥିଲେ କି ଦୀର୍ଘ ଏକ ବର୍ଷ ହେବ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ନପଡିବା । ଚାଉଳ ପୋକ ଖାଇଥିବା ଯୋଗୁଁ ସଫା କରିବା ନାଁ ରେ ୧୭ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ନିଅଣ୍ଟ ରହିଥିବା, ଅନ୍ୟ ଆବଶ୍ୟକ ନଥି ପତ୍ର ତାଳ ମେଳ ନଖାଇବା ଆଦି ବହୁ ଅନିୟମିତତା ଦେଖିବା ପରେ ବ୍ଲକ ଶିକ୍ଷା ଅଧିକାରୀ ଗତ ମାର୍ଚ୍ଚ ୩୦ ତାରିଖ ରେ ଏକ କାରଣ ଦର୍ଶାଅ ନୋଟିସ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଙ୍କ ବିରୁଦ୍ଧରେ ଜାରି କରିଥିଲେ। କାରଣ ଦର୍ଶାଅ ନୋଟିସ ର ଉତ୍ତରରେ ପ୍ରଧାନଶିକ୍ଷକ ତାଙ୍କର ଭୁଲ ସ୍ୱୀକାର କରିଥିଲେ । ମଗାଯାଇଥିବା କାରଣ ଦର୍ଶକ୍ଷଅ ନୋଟିସ ର ଉତ୍ତର ସନ୍ତୋଷ ଜନଙ୍କ ନଥିବାରୁ ତାଙ୍କୁ ପତ୍ର ସଂଖ୍ୟା ୬୫୬ ତାରିଖ ୧୦/୦୪/୨୬ ପ୍ରକାରରେ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ଶିକ୍ଷକଙ୍କ ନିଲମ୍ବନ ଆଦେଶ ବାହାର କରାଗଲା ଓ ସମ୍ପୃକ୍ତ ପ୍ରଧାନଶିକ୍ଷ ସୁମନ ବାଡ଼ତ୍ୟା ୱାଇ ପି ଏନ ପ୍ରାଥମିକ ବିଦ୍ୟାଳୟ କେଶପୁର ରେ ଉପସ୍ଥିତ ରହିବା ପାଇଁ ଆଦେଶ ନାମା ଜାରି କରିବା ସହ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ଯୋଗୁଁ ସମ୍ପୃକ୍ତ ବିଦ୍ୟାଳୟ ରେ କାର୍ଯ୍ୟରତ ୪ଜଣ ଶିକ୍ଷକ ଶିକ୍ଷୟତ୍ରୀ ଓ ଉକ୍ତ କ୍ଲଷ୍ଟର ସି ଆର ସି ସି ହରିବନ୍ଧୁ ବେହେରା ଙ୍କ ଏକ ମାସର ଦରମା ବନ୍ଦ କରାଯାଇଥିବା ସୂଚନା ରହିଛି। ପ୍ରକାଶ ଥାଉକି ୨୦୨୨ମସିହା କୋଭିଡ ଠାରୁରେ ଛାତ୍ରଛାତ୍ରୀଙ୍କୁ ମିଳିଥିବା ଟଙ୍କା ଠୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ମିଳୁଥିବା ଛାତ୍ରଛାତ୍ରୀଙ୍କ ସମସ୍ତ ସୁବିଧା ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରି ଟଙ୍କା ହଡପ କରିବା ଭଳି କାର୍ଯ୍ୟରେ ଲିପ୍ତ ରହୁଥିଲେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ। ସହକାରୀ ଶିକ୍ଷକ ଓ ଅଭିଭାବକ ମାନେ ଅଭିଯୋଗ କଲେ ମିଥ୍ୟା କେସ ଦେଇ ଜେଲ ପଠାଇବା କହି ଡରାଉଥିଲେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ।ଏଠି ପ୍ରଶ୍ନ ଉଠୁଛି କି ଶିକ୍ଷା ବିଭାଗ ଏହାକୁ କେତେଦୂର ଗୁରୁତ୍ୱର ସହିତ ନେଇ ଦୋଷୀକୁ ଦଣ୍ଡ ଦେବେ। ବର୍ଷ ବର୍ଷ ଧରି କରିଥିବା ଘୋଟାଲା ଓ ଶିକ୍ଷାରେ ଅବହେଳା ପାଇଁ ସଠିକ ତଦନ୍ତ କଠୋର ଦଣ୍ଡ ଦିଆଯିବ ନା କୋହଳ ମନୋଭାବ ପୋଷଣ କରାଯିବ। ଏହି ଘଟଣାକୁ ନେଇ ଭିଜିଲାନ୍ସକୁ ତଦନ୍ତ ଭାର ଦିଆଯାଉ ବୋଲି ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।ଆର୍ଥିକ ଅନିୟମିତତା ଓ ମନମାନି ଶାସନର ଚରମସୀମାରେ ପହଂଚି ସାରିଥିଲେ ସୁମନ ବାଡ଼ତ୍ୟା। ଲଣ୍ଡାଲୁଆଳି ଗ୍ରାମବାସୀ ଏଭଳି ଘୃଣ୍ୟ ଶିକ୍ଷକକୁ ନେଇ ସବୁବେଳେ ଅସନ୍ତୋଷ ପ୍ରକାଶ କରୁଥିଲେ ।ଯିଏ ପ୍ରତିବାଦର ସ୍ୱର ଉତ୍ତୋଳନ କରିବ ତାକୁ ରାଜନୈତିକ ଚାପ ପକାଇ ମିଥ୍ୟା ମାମଲାରେ ଛନ୍ଦି ଦେବି କହି ଡରାଉ ଥିଲେ ପ୍ରଧାନ ଶିକ୍ଷକ। ଶେଷରେ ନିଜେ ଖୋଳିଥିବା ଗାତରେ ନିଜେ ପଡି ଏବେ ହରଡ଼ାଘଣାରେ ପ୍ରଧାନ ଶିକ୍ଷକ। ଶିକ୍ଷା ବିଭାଗ କେବଳ ନିଲମ୍ବନ କରି ନୀରବ ରହିଗଲେ ହବନି ସମ୍ପୃକ୍ତ ଶିକ୍ଷକଙ୍କ ପ୍ରତି ବିହିତ ପଦକ୍ଷେପ ଗ୍ରହଣ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିବା ଜରୁରୀ ବୋଲି ଶିକ୍ଷବିତ ମହଲରେ ଦାବୀ ଜୋର ଧରିଛି।

## ଓଡିଆ ନବ ବର୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଯୋଡା, (ମହାଭାରତ) : ଉପାନ୍ତ ଅଞ୍ଚଳ ଯୋଡା ରେ ଓଡ଼ିଆ ନବ ବର୍ଷ ତଥା ବିଷୁବ ସଂକ୍ରାନ୍ତି ପାଳନ ନିମନ୍ତେ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଅନ୍ତିମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମଞ୍ଚ ସଭାପତି ଚର୍ଚ୍ଚିଲ କୁମାର ମହାକୁଡ,ସମ୍ପାଦକ ସୁଶୀଲ ଚନ୍ଦ୍ର ମହାନ୍ତି,ଉପଦେଷ୍ଟା ସାରଦା ପ୍ରସାଦ ଆଚାର୍ଯ୍ୟ,ବରିଷ୍ଠ ସଦସ୍ୟ ଗୋପାଳ ବେହେରା, ଯୋଡା ପୌର ପରିଷଦର ୧୩ ନଂ କାଉନସିଲର ଦୀପ୍ତି ରଞ୍ଜନ ବେହେରା,କୁଳ ଦୀପ ପାତ୍ର,ରାମ ଚନ୍ଦ୍ର ପାତ୍ର, ମୁନା କା।ରୁଆ ଙ୍କ ସମେତ ବହୁ ସକ୍ରିୟ ସଦସ୍ୟ ଉପସ୍ଥିତ ରହି ଓଡ଼ିଆ ନବ ବର୍ଷ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆଲୋଚନା କରାଯାଇଥିଲା ।ଏହି ବୈଠକରେ ନବ ବର୍ଷ ପାଳନ ଅବସରରେ ପ୍ରାତଃ ୮ ଘଟିକା।ରେ ପୂର୍ବ ଯୋଡା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଠାରେ ପ୍ରାୟ ୫ ଶହ ଲୋକଙ୍କ ସମାଗମ ପରେ ଏକ ଶୋଭାଯାତ୍ରା ବାହାରି ପଶ୍ଚିମ ଯୋଡା ସ୍ଥିତ ଟାଟା ଷ୍ଟିଲ ଅଡିଟୋରିଅମ୍ ରେ ପହଞ୍ଚିବ ।ଏହି ଶୋଭାଯାତ୍ରା ରେ କେନ୍ଦୁଝର ର ଚାଙ୍ଗୁ ନୃତ୍ୟ ପରିବେଷଣ,ସଙ୍କୀର୍ତ୍ତନ ,ଆଦିବାସୀ ହୋ ନୃତ୍ୟ,ମୟୂରଭଞ୍ଜ ର ସାନ୍ତାଳୀ ନୃତ୍ୟ,ତଥା ଅନ୍ୟାନ୍ୟ ଜିଲ୍ଲା ରୁ ଆସୁଥିବା ଗୋପାଳ ଲହୁଡ଼ି ଖେଳ, ଘଣ୍ଟ ବାଦ୍ୟ ପ୍ରଭୃତି ପରିବେଷଣ କରାଯିବ ।ଅପରାହ୍ନ ପ୍ରାୟ ୩ ଘଟିକା।ରେ ଲୋକଙ୍କ ପାଇଁ ପଣା ବଣ୍ଟନ ସହିତ ଅଡିଟୋରିଅମ୍ ରେ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ନେଇ ଝୋଟି,ମୁରୁଜ,ଶଙ୍ଖ, ହୁଳ ହୁଳି ପ୍ରତିଯୋଗିତା ର କାର୍ଯ୍ୟକ୍ରମ ରହିଛି ।ସନ୍ଧ୍ୟା ପ୍ରାୟ ୫ ଘଟିକା।ରେ ପୁରୀ ରୁ ଆସିଥିବା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ ।ପରେ ବ୍ୟଙ୍ଗ କବି ଜ୍ଞାନ ହୋତା ଓ ବିଭୁ ପ୍ରସାଦ(ଧର୍ମ ଛଡ଼ା) ଙ୍କ ଦ୍ୱାରା କବି ସମ୍ମିଳନୀ ଅନୁଷ୍ଠିତ ହେବ ।

# ନାନୋ ସାର ସଚେତନତା ପାଇଁ ଦେଶବ୍ୟାପୀ ମେଗା ଅଭିଯାନ

ନୂଆଦିଲ୍ଲୀ /ପାରାଦୀପ, (ମହାଭାରତ): ଇଫକୋର ଅଧ୍ୟକ୍ଷ ଦିଲୀପ ସଂଘାଣୀ ଦେଶବ୍ୟାପୀ ନାନୋ ସାର ସଚେତନତା ମେଗା ଅଭିଯାନର ଶୁଭାରମ୍ଭ କରିଛନ୍ତି। ଶ୍ରୀ ସଂଘାଣୀ ଦିଲ୍ଲୀରୁ ପାଞ୍ଚଟି ନାନୋ ପ୍ରଚାର ଭ୍ୟାନ୍‌କୁ ପତାକା ଦେଖାଇ ଏହି ଅଭିଯାନର ଐତିହାସିକ ଶୁଭାରମ୍ଭ କରିଛନ୍ତି । ଏହି ଅଭିଯାନ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୬୦ଟି ଜିଲ୍ଲା ଏବଂ ୩,୪୭୭ଟି ତହସିଲରେ ବ୍ୟାପକ ଭାବେ ଚାଲିବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି। ନାନୋ ଏନପିକେ ଲିକ୍ୱିଡ୍ (୮-୮-୧୦) ଓ ନାନୋ ଏନପିକେ ଗ୍ରାନ୍ୟୁଲାର (୨୦-୧୦-୧୦) କୁ ଭାରତର ସାର ନିୟନ୍ତ୍ରଣ ଆଦେଶ (ଏଫସିଓ) ଭିତରେ ଅଧିକାରିକ ଭାବେ ସମ୍ମିଳିତ କରାଯାଇଛି। ଏହି ଅଭିଯାନ ପ୍ରିଣ୍ଟ, ଟେଲିଭିଜନ୍, ରେଡିଓ, ଆଉଟଡୋର ଓ ଡିଜିଟାଲ୍ ମାଧ୍ୟମ ସମେତ ବହୁମାଧ୍ୟମୀ ପ୍ରଚାର ପ୍ରଣାଳୀକୁ ଆପଣାଯିବ ବୋଲି ଶ୍ରୀ ସଂଘାଣୀ କହିଛନ୍ତି। ଭାରତର ସର୍ବବୃହତ୍ ସାର ଉତ୍ପାଦକାରୀ ସଂସ୍ଥା ଇଫକୋ ଆଜି ଅଧିକାରିକ ଭାବେ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ କରିଛି। ଆୟୋଜିତ ଏକ ପ୍ରେସ୍ ସମ୍ମିଳନୀରେ ଉଦବୋଧନ ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାଣୀ କହିଛନ୍ତି ଯେ, ଏହା ଭାରତୀୟ କୃଷକମାନଙ୍କ ମଧ୍ୟରେ ନାନୋ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଏକ ସମଗ୍ର ଜାତୀୟ ଅଭିଯାନ। ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ଓ ସହକାରୀ ମନ୍ତ୍ରୀ ଅମିତ ଶାହଙ୍କ ପ୍ରେରଣାରେ "ଆତ୍ମନିର୍ଭର ଭାରତ" ଓ "ସହକାର ରେ ସମୃଦ୍ଧି" ଭଳି ଜାତୀୟ ଅଭିଯାନ ସହ ସମନ୍ୱୟରେ ଆରମ୍ଭ ହୋଇଛି। କୋୟମ୍ବାତୁରରେ ଅବସ୍ଥିତ ଇଫକୋ-ନାନୋଭେନ୍ସ ନବୀନତା କେନ୍ଦ୍ର ଓ ବ୍ରାଜିଲରେ ଆସନ୍ତା ଜୁନ୍ ୨୦୨୬ ମଧ୍ୟରେ ଚାଲୁ ହେବାକୁ ଥିବା ନାନୋ ସାର କାରଖାନା ଭାରତର କୃଷି ନାନୋ ପ୍ରଯୁକ୍ତିର ବିଶ୍ୱସ୍ତରୀୟ ଶକ୍ତିକୁ ପ୍ରଦର୍ଶନ କରିଛି । ଶ୍ରୀ ସଂଘାଣୀ କହିଛନ୍ତି ଯେ, ଭାରତ ଏକ ଐତିହାସିକ ସମୟରେ ଅଛି, ଯେଉଁଠାରେ ପାରମ୍ପରିକତା ଓ ପ୍ରଯୁକ୍ତି ମିଶି କୃଷିକୁ ନୂତନ ଦିଗ ଦେଉଛି। ଏହି ଅଭିଯାନ "ସହକାର ସେ ସମୃଦ୍ଧି" ଦୃଷ୍ଟିକୋଣକୁ ପ୍ରତିଫଳିତ କରି ଆତ୍ମନିର୍ଭର କୃଷିକୁ ସମର୍ଥନ କରୁଛି। ସେ ନାନୋ ସାର ବିପ୍ଳବକୁ ଭାରତୀୟ କୃଷି ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଅଭିଯାନର ଚାରିଟି ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାନୋ ୟୁରିଆ ପ୍ଲସ୍, ନାନୋ ଡିଏପି, ନାନୋ ଏନପିକେ, ନାନୋ ଜିଙ୍କ ଓ ନାନୋ କପରର ପ୍ରଚାର, ଫୋଲିଆର୍ ସ୍ପ୍ରେ ମାଧ୍ୟମରେ କୃଷକମାନଙ୍କୁ ସାରର ସଠିକ୍ ବ୍ୟବହାର ଶିକ୍ଷା, ପାରମ୍ପରିକ ସାର ଉପରେ ନିର୍ଭରତା କମାଇବା,ସହକାରୀ ନେଟୱର୍କ ମାଧ୍ୟମରେ ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚିବା କୁ ସୁନିଶ୍ଚିତ କରିବା କ୍ଷ ସେ କହିଛନ୍ତି ଯେ, ପ୍ରାଥମିକ କୃଷି ସହକାରୀ ସମିତି (ପିଏସିଏସ) ଓ କ୍ଷେତ୍ର ଦେଖାଣି ମାଧ୍ୟମରେ ଗ୍ରାମ ସ୍ତରରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ, ଯାହା ଫଳରେ କୃଷକମାନେ ପ୍ରତ୍ୟକ୍ଷ ଫଳାଫଳ ଦେଖି ବିଶ୍ୱାସ ଜନ୍ମାଇ ପାରିବେ । ଶେଷରେ ଶ୍ରୀ ସାଙ୍ଘାଣୀ ଏହି ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବାକୁ ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ନାନୋ ସାର କେବଳ ଉତ୍ପାଦ ନୁହେଁ, ବରଂ ମାଟି ସୁରକ୍ଷା, ପରିବେଶ ସୁଧାର ଓ କୃଷକଙ୍କ ଆୟ ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ ଉପାୟ। ଇଫକୋ ଦ୍ୱାରା ୨୧.୮ ମିଲିୟନ୍ ବୋତଲ୍ ନାନୋ ୟୁରିଆ ପ୍ଲସ୍ ଲିକ୍ୱିଡ୍ ଓ ୬.୪୨୬ ମିଲିୟନ୍ ବୋତଲ୍ ନାନୋ ଡିଏପି ଲିକ୍ୱିଡ୍ ବିକ୍ରି ହୋଇଛି। ନାନୋ ଜିଙ୍କ ଓ ନାନୋ କପର ମଧ୍ୟ ପ୍ରଥମ ବର୍ଷରେ ଉଲ୍ଲେଖନୀୟ ବିକ୍ରି ହାସଲ କରିଛି। ସେହିପରି ୨୦.୮୨୬ ମିଲିୟନ୍ ବୋତଲ୍ ନାନୋ ୟୁରିଆ ପ୍ଲସ୍ ପାରମ୍ପରିକ ୟୁରିଆର ୦.୯୩୭ ମିଲିୟନ୍ ମେଟ୍ରିକ୍ ଟନ୍ ସମାନ, ଯେତେବେଳେ ୫.୭୮୯ ମିଲିୟନ୍ ବୋତଲ୍ ନାନୋ ଡିଏପି ପାରମ୍ପରିକ ଡିଏପି ର ୦.୨୮୯ ମିଲିୟନ୍ ମେଟ୍ରିକ୍ ଟନ୍ ସହିତ ସମାନ, ଯାହା ଲଜିଷ୍ଟିକ୍ସ, ଶକ୍ତି ଓ ଆମଦାନି ଖର୍ଚ୍ଚରେ ବିଶେଷ ସଞ୍ଚୟ ଆଣିଛି। ଇଫକୋର ନାନୋ ଉତ୍ପାଦ ଶ୍ରେଣୀରେ ନାନୋ ୟୁରିଆ ପ୍ଲସ୍, ନାନୋ ଡିଏପି, ନାନୋ ଏନପିକେ (ଲିକ୍ୱିଡ୍ ଓ ଗ୍ରାନ୍ୟୁଲାର), ନାନୋ ଜିଙ୍କ, ନାନୋ କପର ଓ "ଧରାଅମୃତ" ବାୟୋ-ଷ୍ଟିମ୍ୟୁଲାଣ୍ଟ ଅନ୍ତର୍ଭୁକ୍ତ ଅଛି, ଯାହା କୃଷକମାନଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଇଫକୋର ଟ୍ୟାକ୍ସ ପୂର୍ବ ଲାଭ ଆନୁମାନିକ ?୪,୨୦୦ କୋଟିରୁ ଅଧିକ ହେବ। ନାନୋ ପ୍ରଯୁକ୍ତି, ଡ୍ରୋନ୍ ପ୍ରଯୁକ୍ତି, ଏଆଇ ଓ ଡାଟା ଆନାଲିଟିକ୍ସ ମାଧ୍ୟମରେ ଇଫକୋ ଭାରତର କୃଷି କ୍ଷେତ୍ରକୁ ପରିବର୍ତ୍ତନ କରୁଛି। ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଇଫକୋ ସଦନରେ ଆୟୋଜିତ ହୋଇଥିଲା, ଯେଉଁଠାରେ ପ୍ରବନ୍ଧ ନିର୍ଦ୍ଦେଶକ କେ. ଜେ. ପଟେଲ୍, ବୋର୍ଡ ସଦସ୍ୟ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ମାନସିଂହ ସାହିତ୍ୟ ସଂସଦର ୬୪ ତମ କବିତା ଆସର


କୃଷ୍ଣପ୍ରସାଦ,( ମହାଭାରତ ):ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ମାନସିଂହ ଙ୍କ ଙ୍କ ଜନ୍ମ ପୀଠ ନନ୍ଦଳା ଗ୍ରାମରେ ଓଡ଼ିଆ ନବ ବର୍ଷକୁ ଆଗୁଆ ସ୍ୱାଗତ କରିବାକୁ ଯାଇ ମାନସିଂହ ସାହିତ୍ୟ ସଂସଦ ର ୬୪ତମ କବିତା ଆସର ବିଷ୍ଣୁପ୍ରସାଦ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ କବି ତଥା ସମ୍ପାଦିକା ଶ୍ରୀମତୀ ଚିନ୍ମୟୀ ପଣ୍ଡା ଯୋଗଦେଇ କବିତାର କରୁଣ୍ୟ ଓ ମର୍ଯ୍ୟାଦା ସମ୍ପର୍କରେ ଆଲୋଚନା କରିବା ସହ ଅନ୍ୟ ଉପସ୍ଥିତ କବି ମାନଙ୍କୁ ଉତ୍ସାହିତ କରିଥିଲେ । ସଂସଦର ମୁଖ୍ୟ ଉପଦେଷ୍ଟା ଡ଼ ପ୍ରେମାନନ୍ଦ ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ପାଦକ ଶ୍ରୀଯୁକ୍ତ ଲଳିତ କୁମାର ସ୍ୱାଇଁ ଆଭିମୁଖ୍ୟ ଉପସ୍ଥାପନ କରିବା ସହ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ ।ବ୍ରହ୍ମପୁରରୁ ବନ୍ଦନା ପଣ୍ଡାଙ୍କ ପ୍ରାରମ୍ଭିକ ଭଜନ ପାଠ କରିଥିଲେ। ଯାଜପୁରରୁ କବି ସସ୍ମିତା ବେହେରାଙ୍କ ଚମତ୍କାର ସଂଯୋଜନାରେ ଦେଶ ବିଦେଶରୁ ଅନେକ କବି ଯଥା ଚନ୍ଦ୍ରା ମିଶ୍ର, ଡ଼ ଭାରତୀ ହୋତା, ରେଖା ଭୋଇ, ପ୍ରତିମା ପାତ୍ର,ରଜଗୁରୁ, ସମୀର ନାୟକ,ସୁଶାନ୍ତ କୁମାର ଦଳେଇ,ବନ ବିହାରୀ ପଟ୍ଟନାୟକ,ଦେବାଶିଷ ପ୍ରଧାନ, ସମେତ ପ୍ରାୟ ୪୦ ରୁ ଅଧିକ ସାହିତ୍ୟ ସାଧକ ସାଧିକା ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ ।ଶେଷରେ ଅନୁଷ୍ଠାନର ସଂଯୋଜକ ବିଦ୍ୟାଧର ଦଳବେହେରା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିବା ସହ ଆସନ୍ତା କବିତା ଆସର ମେ ୬ ତାରିଖରେ ପୁରୀ ଠାରେ ଅନୁଷ୍ଠିତ ହେବା ପାଇଁ ସମ୍ପାଦକ ଲଳିତ କୁମାର ସ୍ୱାଇଁ ଘୋଷଣା କରିଥିଲେ।

## ହସ୍ପିଟାଲରେ ନିଆଁ ଲାଗିଲେ କିଭଳି ସୁରକ୍ଷିତ ଅବସ୍ଥାରେ ରୋଗୀଙ୍କୁ ଉଦ୍ଧାର କରାଯିବ ସେ ନେଇ ନୟାଗଡ଼ ଫାୟର ବିଭାଗ ପକ୍ଷରୁ ଡେମୋ ଦେଖା



ନୟାଗଡ, ( ମହାଭାରତ ) : ହସ୍ପିଟାଲରେ ନିଆଁ ଲାଗିଲେ କିଭଳି ସୁରକ୍ଷିତ ଅବସ୍ଥାରେ ରୋଗୀଙ୍କୁ ଉଦ୍ଧାର କରାଯିବ ସେ ନେଇ ନୟାଗଡ଼ ଫାୟର ବିଭାଗ ପକ୍ଷରୁ ଡେମୋ ଦେଖା କରାଯାଇଛି । ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଫାୟାର କର୍ମଚାରୀ ମାନେ ପହଞ୍ଚି ହସ୍ପିଟାଲର କର୍ମଚାରୀ ଏବଂ ରୋଗୀଙ୍କ ସମ୍ପର୍କୀୟଙ୍କୁ ଫାୟାର ସେଫ୍ଟି ଉପରେ ସଚେତନ କରାଇଛନ୍ତି । କୌଣସି କାରଣ ରୁ ହସ୍ପିଟାଲରେ ନିଆଁ ଲାଗିଲେ ଉପସ୍ଥିତ କର୍ମଚାରୀ କିଭଳି ବୃଦ୍ଧି ପ୍ରୟୋଗ କରି ସୁରକ୍ଷିତ ଅବସ୍ଥାରେ ରୋଗୀଙ୍କୁ ଉଦ୍ଧାର କରିବେ ସେ ନେଇ ସଚେତନ କରାଯାଇଛି । ମେଡ଼ିକାଲରେ ଲଗା ଯାଇଥିବା ଫାୟାର ସେଫ୍ଟି କୁ କିଭଳି କର୍ମଚାରୀ ମାନେ ବ୍ୟବହାର କରିବେ ସେ ନେଇ ଫାୟର ଟିମ ପକ୍ଷରୁ ଡେମୋ ଦେଖା ଯାଇଛି । ବିଶେଷ କରି ମେଡ଼ିକାଲରେ ନିୟୋଜିତ ସିକ୍ୟୁରିଟି ଗାର୍ଡ ମାନଙ୍କୁ ଫାୟାର ସେଫ୍ଟି ସମ୍ପର୍କରେ ସଚେତନ କରାଯାଇଛି । ନିଆଁ ଲାଗିଲେ କିଭଳି ସଙ୍ଗେ ସଙ୍ଗେ ଫାୟାର ସାଇରନ ବ୍ୟବହାର କରିବେ ସେ ନେଇ ଫାୟାର ବିଭାଗ ପକ୍ଷରୁ ସଚେତନ କରାଯାଇଛି । ସମସ୍ତ ଘରୋଇ ମେଡ଼ିକାଲ ଏବଂ ସୋରୁମ, ମଲ ଏବଂ ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷା ଅନୁଷ୍ଠାନ ଗୁଡିକରେ ଫାୟାର ସେଫ୍ଟି କୁ ନେଇ କଡା କଡ଼ି ଯାଞ୍ଚ କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ କୁହାଯାଇଛ ।

## ବାଲି ଟିପର ଧକ୍କାରେ ଗୁରୁତର ନନ୍ଦୀକୁ ସୁସ୍ଥ କରାଇଲେ ଆସିକା ପ୍ରାଣୀଧନ ଚିକିତ୍ସକ ଟିମ



ଆସିକା (ମହାଭାରତ): ବାଲି ବୋଝେଇ ଡମ୍ପର ଧକ୍କାରେ ଗୁରୁତର ନନ୍ଦୀକୁ ସୁସ୍ଥ କରାଇଲେ ଆସିକା ପ୍ରାଣୀଧନ ଚିକିତ୍ସକ ଟିମ। ପ୍ରକାଶ ଥାଉକି ଆସିକା ବ୍ଲକ ପାଣ୍ଡିଆ ପଥର ପଞ୍ଚାୟତ ଅନ୍ତର୍ଗତ ନାରାୟଣ ପୁର ମୁଖ୍ୟ ରାସ୍ତା ରେ ଏକ ବାଲି ବୋଝେଇ ଟିପର ରାସ୍ତା କଡରେ ଛିଡା ହୋଇଥିବା ଏକ ଷଣ୍ଢକୁ ଧକ୍କା ଦେଇଥିଲା ଫଳରେ ଷଣ୍ଢଟିର ଡାହାଣ ଗୋଡ଼ଟି ଭାଙ୍ଗି ଯାଇଥିଲା। ସ୍ଥାନୀୟ ବାସିନ୍ଦାହେଲ୍ପ ଲାଇନ ନମ୍ବର ୧୯୬୨ ରେ କଲ୍ କରି ସୂଚନା ପ୍ରଦାନ କରିଥିଲେ। ସୂଚନା ପାଇବା ପରେ ଗଞ୍ଜାମ ଜିଲ୍ଲାର ପଶୁ ଚିକିତ୍ସାଳୟ ର ମୁଖ୍ୟ ଜିଲ୍ଲା ଅଧିକାରୀ ଡ଼ାଃ ଅଞ୍ଜନ କୁମାର ଦାସ ଙ୍କନିର୍ଦ୍ଦେଶ ରେ ଆସିକା ବ୍ଲକ ପଶୁ ଚିକିତ୍ସକ ଡାକ୍ତର ସୁଧାଂଶୁ ଶେଖର ବେହେରା, ଡାକ୍ତର ଆଶୁତୋଷ ଚୌଧୁରୀ, ପ୍ରାଣୀ ଧନ ନିରିକ୍ଷକ ସ୍ମୃତି ରଞ୍ଜନ ବିଶ୍ୱାଳ, ବିଦ୍ୟା ସାଗର ସାହାଣୀ, କାମାକ୍ଷା ପ୍ରସାଦ ଶତପଥି ଘଟଣା ସ୍ଥଳରେ ପହଂଚି ସଙ୍ଗେ ସଙ୍ଗେ ଚିକିତ୍ସା ଆରମ୍ଭ କରିଥିଲେ। ଲଗାତାର ଭାବେ ପଶୁ ଚିକିତ୍ସାଳୟ କର୍ମଚାରୀ ଚିକିତ୍ସା ଜାରି ରଖିଛନ୍ତି। ଗୋଡ଼ ରେ ଶକ୍ତ ଆଘାତ ଲାଗିଥିବା ଯୋଗୁଁ ପଟି ବାନ୍ଧି ଚିକିତ୍ସା ଜାରି ରହିଛି,କ୍ଷତ ସ୍ଥାନ ଟି ଶୁଖିବା ପରେ ଗୋଡ଼ ରେ ପାଟୁ ପକା ଯିବ ବୋଲି ପାଇଁ ଡଃ ସୂଚନା ଦେଇଛନ୍ତି। ଆସିକା ଆମ୍ବୁଲାନ୍ସ କର୍ମଚରି ଡ଼ାଃକ୍ତର ଏବଂ ଅଫିସ ଟିମକୁ ପଶୁ ପ୍ରେମୀ, ବିଦ୍ଧିଜୀବୀ ସମସ୍ତେ ଶୁଭେଚ୍ଛା ଜଣାଇଛନ୍ତି।

# ପୁର ପଲ୍ଲୀରେ ପାଳିତ ହେଲା ବିଶ୍ୱ ଛେନାପୋଡ଼ ଦିବସ

## ନୟାଗଡ଼ର ଛେନାପୋଡ଼ କୁ ଜିଆଇ ଟ୍ୟାଗ୍ ପାଇଁ ଦାବି



ନୟାଗଡ, ( ମହାଭାରତ ) : ଆଜି ବିଶ୍ୱ ଛେନା ପୋଡ଼ ଦିବସ। ନୟାଗଡ଼ର ଏହି ସ୍ୱାଦିଷ୍ଟ ମିଠା ସମସ୍ତଙ୍କ ଆପଣାର। ପ୍ରତ୍ୟେକ ଘରେ ଘରେ ମଧ ପରିଚିତ। ପ୍ରତିଦିନ ନୟାଗଡ଼ ଏବଂ ଆଖପାଖ ଅଞ୍ଚଳରୁ ୩ ଟ୍ରନ ଛେନା ପୋଡ଼ ପ୍ରସ୍ତୁତ କରାଯାଇ ବିକ୍ରି ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯାଉଛି। ଛେନା ପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବୀରେ ପଲ୍ଲି ରୁ ଦିଲ୍ଲୀ ସବୁଠି ଆଜି ଏପ୍ରିଲ୍ ୧୧ ତାରିଖକୁ ଛେନା ପୋଡ଼ ଦିବସ ଭାବେ ବିଭିନ୍ତ ଅନୁଷ୍ଠାନ ପକ୍ଷରୁ ଛେନା ପୋଡ଼ କାଟି ସେଲିବ୍ରେସନ କରାଯାଇଛି। ନୟାଗଡ଼ରେ ଛେନା ପୋଡ଼ ଦିବସ ପାଳନକୁ ନେଇ ଲୋକଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବା ପାଇଁ ମିଳିଛି। ନୟାଗଡ଼ର ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଆଜି ଜନ୍ମ ଦିନକୁ ଛେନା ପୋଡ଼ ଦିବସ ଭାବେ ପ୍ରଥମେ ନୟାଗଡ଼ର ସ୍ୱଛା ସେବୀ ସଂଗଠନ ହେଲପିଙ୍ଗ୍ ହ୍ୟାଣ୍ଡ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ କରାଯାଇଥିଲା। ଆଜିକୁ ପ୍ରାୟ ପାଞ୍ଚବର୍ଷ ହେଲା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମ ଦିନ ଏପ୍ରିଲ ୧୧ ତାରିଖ କୁ ବିଶ୍ୱ ଛେନା ପୋଡ଼ ଦିବସ ଭାବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଉଛି। ନୟାଗଡ଼ ରୁ ଆରମ୍ଭ କରି ରାଜ୍ୟ ରାଜଧାନୀ ଭୁବନେଶ୍ୱର ଏବଂ ଦେଶ ବିଦେଶରେ ମଧ ଆଜି ଛେନା ପୋଡ଼ ଦିବସ ପାଳନ କରାଯାଉଛି। ଏହାର ସ୍ରଷ୍ଟା ବୋଲି ଦାବି କରି ଆସୁଛି ସୁଦର୍ଶନ ସାହୁଙ୍କ ପରିବାର। ଏଥି ପାଇଁ ଆଜି ସୁଦର୍ଶନ ସାହୁଙ୍କ ଜନ୍ମ ଦିନକୁ ତାଙ୍କ ପରିବାର ପକ୍ଷରୁ ଛେନା ପୋଡ଼ କାଟି ଘରେ ସେଲିବ୍ରେସନ କରାଯାଇଛି। ଏହି ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ଏବଂ ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଏବଂ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୂପମା ଖଟେଇ ପ୍ରମୁଖ ଉପସ୍ଥିତ ରହି ଛେନା ପୋଡ଼ କାଟି ଦିବସକୁ ପାଳନ କରିଛନ୍ତି। କ୍ଷୀର ରୁ ପ୍ରସ୍ତୁତ ଛେନାରେ ସୁଜି ଏବଂ ଚିନି, ଗୋଲମରିଚ ଗୁଣ୍ଡ ଏବଂ କାଜୁ ଖିସିମିଶି ମିଶାଇ ଏହାକୁ ନିଆଁରେ ପୋଡି ପ୍ରସ୍ତୁତ ହୋଇଥାଏ ଛେନା ପୋଡ଼। ଏହି ସୁଆଦିଆ ମିଠାକୁ ପ୍ରଥମେ ନୟାଗଡ଼ର ସୁଦର୍ଶନ ସାହୁଙ୍କ ବାପା ବିଦ୍ୟାଧର ସାହୁ ପ୍ରସ୍ତୁତ କରିଥିବା ବେଳେ ଏହାକୁ ବିକ୍ରି କରି ପ୍ରଚାର ପ୍ରସାର କରି ପରିଚିତ କରାଇଥିଲେ ପୁଅ ସୁଦର୍ଶନ ସାହୁୟ ତେଣୁ ତାଙ୍କର ଜନ୍ମ ଦିନକୁ ଛେନା ପୋଡ଼ ଦିବସ ଭାବେ ପାଳନ କରାଯାଉଛି। ସେ ଛେନା ପୋଡ଼ ସ୍ରଷ୍ଟା ବୋଲି ତାଙ୍କ ପରିବାର ପକ୍ଷରୁ ଦାବି କରାଯାଇଛି। ସେପଟେ ନୟାଗଡ଼ର ଛେନା ପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବିରେ ବିଭିତ୍ତ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଛେନା ପୋଡ଼ କାଟି ସେଲିବ୍ରେସନ କରାଯାଇଛି। ନୟାଗଡ଼ ଓକିଲ ସଂଘ ଏବଂ ସିନିୟର୍ ସିଟିଜେନ ସଙ୍ଘ ପକ୍ଷରୁ ବଡ଼ ଧରଣର କାର୍ଯ୍ୟକ୍ରମ କରି ଛେନା ପୋଡ଼ କାଟି ଛେନା ପୋଡ଼ ଦିବସକୁ ପାଳନ କରାଯାଇଛି।ଏହି ଉତ୍ସବରେ ଜିଲ୍ଲା ଜର୍ଜ ଅଜନ୍ତା ଷଡ଼ଙ୍ଗୀ, ଜିଲ୍ଲା କୋର୍ଟର ସମସ୍ତ ଜର୍ଜ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ, ସିଡିଓ ଲଗ୍ନଜିତ ରାଉତ, ପୋଲିସ ପକ୍ଷରୁ ଅତିରିକ୍ତ ଏସ୍ପି ଜ୍ୟୋତି ରଞ୍ଜନ ସାମନ୍ତରାୟ, ଏବଂ ନୟାଗଡ଼ ଓକିଲ ସଂଘ ସମସ୍ତ ଆଇନ ଜୀବୀ ମାନେ ଉପସ୍ଥିତ ରହି ଛେନା ପୋଡ଼ ଦିବସ କୁ ଧୁମ୍ ଧାମରେ ପାଳନ କରାଯାଇଛି। ସେପଟେ ଆଜିର ଛେନା ପୋଡ଼ ଦିବସ ପାଳନକୁ ବିରୋଧ କରିଛି ଦଶପଲ୍ଲା ବିଦ୍ୟାଧର ମେମୋରିଆଲ୍ ଚାରିଟେବୁଲ ଟ୍ରଷ୍ଟୟ ଛେନା ପୋଡ଼ର ସ୍ରଷ୍ଟା ବିଦ୍ୟାଧର ସାହୁ ତାଙ୍କ ଜନ୍ମ ଦିନ ଡିସେମ୍ବର ୩୧ କୁ ଛେନା ପୋଡ଼ ଦିବସ ଭାବେ ପାଳନ କରିବା ପାଇଁ ଦାବି କରାଯାଇଛି। ଛେନା ପୋଡ଼ ଦିବସକୁ ନେଇ ବିବାଦ ସୃଷ୍ଟି ହୋଇଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାକୁ ପାଳନ କରାଯାଇ ନାହିଁ। କିଛି ଦିନ ପୂର୍ବରୁ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ସରକାରୀ ସ୍ତରରେ ଆଜିର ଦିନ ଅର୍ଥାତ ଏପ୍ରିଲ ୧୧ କୁ ଛେନା ପୋଡ଼ ଦିବସ ପାଳନ ପାଇଁ କହିଥିଲେ। ସେପଟେ ଛେନା ପୋଡ଼କୁ ନେଇ ବିବାଦ ନ କରିବା ପାଇଁ ନୟାଗଡ଼ ଓକିଲ ସଂଘ ପକ୍ଷରୁ କୁହାଯାଇଛି। ଛେନା ପୋଡ଼ ନୟାଗଡ଼ର ଆଉ ଏହା ଓଡ଼ିଶାର ଗୌରବ। ଛେନା ପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ସେପଟେ ଛେନା ପୋଡ଼ ଦିବସକୁ ନୟାଗଡ଼ ଘରୋଇ ବସ ମାଲିକ ସଙ୍ଘ ପକ୍ଷରୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ଗୁଡ଼ରେ ଛେନା ପୋଡ଼ ପ୍ରସ୍ତୁତ କରି ଏହାକୁ କାଟି ସେଲିବ୍ରେସନ କରାଯାଇଛି। ସେହିଭଳି ବିଜେଡ଼ି କାର୍ଯ୍ୟାଳୟରେ ବିଧାୟକ ଅରୁଣ କୁମାର ସାହୁ ବରିଷ୍ଠ ନାଗରିକ ଗ୍ରହଣରେ ଛେନା ପୋଡ଼ କାଟି ଏହି ଦିବସକୁ ପାଳନ କରିଛନ୍ତି। ଶୀଘ୍ର ଛେନା ପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେବା ପାଇଁ ସେ ଦାବି କରିଛନ୍ତି। ଛେନା ପୋଡ଼ ଦିବସ ପାଳନ ତାରିଖକୁ ନେଇ ବିବାଦ ନ କରିବା ପାଇଁ ପ୍ରତିକ୍ରିୟା ରଖିଛନ୍ତି। ଏପ୍ରିଲ୍ ୧୧ ତାରିଖ ବିଶ୍ୱ ଛେନା ପୋଡ଼ ଦିବସୟ ରାଜ୍ୟ ଏବଂ ରାଜ୍ୟ ବାହାରେ ମଧ ଏହି ଦିନ କୁ ବିଭିଓ ଅନୁଷ୍ଠାନ ପକ୍ଷରୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଇଛି । ରାଜ୍ୟପାଳ ମଧ ଛେନା ପୋଡ଼ ଦିବସ ଅବସରରେ ରାଜ୍ୟ ବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନୟାଗଡର ଛେନା ପୋଡ଼ ବିଶ୍ୱରେ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଏହି ସ୍ୱାଦିଷ୍ଟ ଛେନା ପୋଡ଼ ଯିଏ ଥରେ ଖାଇଛି ସିଏ ଆଉଥରେ ଖାଇବାକୁ ମନ ବଳାଇଛି ନିଶ୍ଚୟ।

## ବିଦ୍ୟାଳୟ ପରିସରରେ ପାନୀୟ ଜଳର ସଙ୍କଟ ହେତୁ ଛାତ୍ର ଛାତ୍ରୀ ହନ୍ତସନ୍ତ

ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ବଡସିଲିଙ୍ଗା ଗ୍ରାମପଞ୍ଚାୟତ ଅଧୀନସ୍ଥ ଗୋଛାବାରୀ ପ୍ରକ୍ଷଥମିକ ବିଦ୍ୟାଳୟ ପରିସରରେ ଥିବା ସୌର ଚଳିତ ପମ୍ପ ଅଚଳ ହେତୁ ହନ୍ତସନ୍ତ ହେଉଛନ୍ତି ଛାତ୍ର ଛାତ୍ରୀ ।ଉକ୍ତ ବିଦ୍ୟାଳୟଟି ଶିଶୁ ବଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଆଖପାଖ ଅଞ୍ଚଳରୁ ଆଦିବାସୀ ,ହରିଜନ ଛାତ୍ରଛାତ୍ରୀ ଅଧୟନ କରୁଛନ୍ତି । ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନେ ପାଣି ଟୋପେ ପାଇଁ ଡହକ ବିକଳ ହେଉଛନ୍ତି । ପିଇବା ପାଣି ର ଅଭାବ ହେତୁ ଛାତ୍ର ଛାତ୍ରୀ ମାନେ ନିକଟସ୍ଥ ଗାଁ କୁ ଯାଉଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ବିଦ୍ୟାଳୟ ପରିସରରେ ଥିବା ସୋଲାର ପମ୍ପ ବ୍ୟବସ୍ଥା କରାଯାଇଥିଲେ ମଧ ଆଜକୁ ଦୀର୍ଘ ଦିନ ହେଲା ଅଚଳ ହେତୁ ପାଣି ର ସମସ୍ୟା ଦେଖିବାକୁ ମିଳିଛି । ଏ ନେଇ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବା ସହିତ ତୁରନ୍ତ ମରାମତି କରି ଛାତ୍ର ଛତ୍ରୀ ଙ୍କୁ ପାଣି ଯୋଗାଇ ଦେବା ନିମନ୍ତେ ସାଧାରଣ ରେ ଦାବୀ ହେଉଅଛ।

## ସତୋକଷିଆ ବନାଞ୍ଚଳରେ କାଠ ବୋଝେଇ ପିକଅପ ଜବତ, ଡ୍ରାଇଭର ଫେରାର



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ବନଖଣ୍ଡ ଅଧୀନ ସତୋକଷିଆ ବନାଞ୍ଚଳରେ ବନବିଭାଗ ପକ୍ଷରୁ ଅବୈଧ କାଠ ଚାଲାଣ ଉପରେ ବଡ଼ ଚଡ଼ାଉ ହୋଇଛି। ସତୋକଷିଆ ହାଟ ନିକଟରୁ କାଠ ବୋଝେଇ ଯାଉଥିବା ଗୋଟିଏ ପିକଅପ ଗାଡ଼ିକୁ ବନବିଭାଗ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଅନ୍ଧାରର ସୁଯୋଗ ନେଇ ପଳାଇ ଯାଇଥିବା ସୂଚନା ମିଳିଛି ।ସୂଚନା ଅନୁଯାୟୀ, ସତୋକଷିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ରନାଥ ମହାନ୍ତ ବିଶେଷ ସୁତ୍ରରୁ ଖବର ପାଇଥିଲେ ଯେ ଏକ ପିକଅପ ଗାଡ଼ିରେ ଅବୈଧ ଭାବେ କାଠ ବୋଝେଇ ଆନନ୍ଦପୁର ରାସ୍ତା ଦିଗରେ ଯାଉଛି। ଏହି ସୂଚନା ପାଇ ସତେଜ ହୋଇ ବନା□ଳ ଅଧିକାରୀ ଓ ବନପାଳ ସହିତ ବନକର୍ମଚାରୀ ସତୋକଷିଆ ହାଟ ନିକଟରେ ଛକି ବସିଥିଲେ ।ପାହାନ୍ତିଆ ପ୍ରାୟ ପାଞ୍ଚଟା ସମୟରେ ଉକ୍ତ ପିକଅପ ଗାଡ଼ି ସେଠାରେ ପହଞ୍ଚିବା ସହିତ ବନବିଭାଗର କର୍ମଚାରୀମାନଙ୍କୁ ଦେଖି ଡ୍ରାଇଭର ଗାଡ଼ିକୁ ସେଠାରେ ଛାଡ଼ି ଅନ୍ଧାରର ସୁଯୋଗ ନେଇ ଦୌଡ଼ି ପଳାଇ ଯାଇଥିଲେ। ବନବିଭାଗ ଟିମ ଗାଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି ।ଜବତ ହୋଇଥିବା ପିକଅପରୁ ପ୍ରାୟ ୪୪.୭୪ ସଫ୍ଟ ଅବୈଧ କାଠ ମିଳିଥିବା ବେଳେ, ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୬୦ ହଜାର ଟଙ୍କା ହେବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।ଏହି ଘଟଣାକୁ ନେଇ ବନବିଭାଗ ପକ୍ଷରୁ ଅବୈଧ କାଠ ଚାଲାଣ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି କୁହାଯାଇଛି। ଏପରି ଅବୈଧ କାର୍ଯ୍ୟକଳାପ ରୋକିବା ପାଇଁ ଅଧିକ ଚଡ଼ାଉ ଓ ତଦନ୍ତ ଚାଲିଥିବା ବେଳେ ଫେରାର ଡ୍ରାଇଭରଙ୍କୁ ଧରିବା ପାଇଁ ପ୍ରୟାସ ଜାରି ରହିଛି।

## ପ୍ରଶାସନର ଏକ ଛାତ୍ରବାଦ ଶାସନ ବିରୋଧରେ ଦୁର୍ଗମ ଅଞ୍ଚଳବାସୀଙ୍କ ତହସିଲ ଅଫିସ ଘେରାଓ



ଲାଞ୍ଜିଗଡ (ମହାଭାରତ )କଳାହାଣ୍ଡି ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠିକାର ଅନେକ ଗୁଡ଼ାଏ ଗାଁ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳର ଜଙ୍ଗଲ,ପାହାଡ଼ ଝରଣା ସେମାଙ୍କର ବଞ୍ଚିବାର ରାହା ଯୋଗାଇଛି । ଜଙ୍ଗଲ ଜାତ ଦ୍ରବ୍ୟକୁ ସେମାନେ ବିକ୍ରି କରି ନିଜର ଜୀବନଜୀବିକା ନିର୍ବାହ କରିଥାନ୍ତି ହେଲେ ବୈଦେଶିକ କମ୍ପାନୀର ଲୋଲୁପ ଦୃଷ୍ଟି ପଡିଛି ସେହି ଅଞ୍ଚଳ ମାନଙ୍କରେ । ଲାଞ୍ଜିଗଡ ବ୍ଲକ ପାହାଡ ପଦର ପଞ୍ଚାୟତର ପୁଞ୍ଜାମ ଗାଁ ସମେତ ଅନେକ ଅଞ୍ଚଳରେ ପେସା ଆଇନ ୨୦୦୬ ଠିକ ଭାବରେ କାମ କରୁନି । ଜଙ୍ଗଲ ଅଧିକାର ଆଇନ ଅଧୀନରେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଯୋଗ୍ୟ ହୋଇଥିଲେ ମଧ ଆମର ଜଙ୍ଗଲ ଅଧିକାର ଦାବି ଗୁଡିକୁ ପ୍ରକ୍ରିୟାକରଣ କରାଯାଉନାହିଁ କିମ୍ବା ସ୍ୱୀକୃତି ମଧ ପ୍ରଦାନ କରାଯାଉନହିଁ । କିନ୍ତୁ ଜିଲ୍ଲା ପ୍ରଶାସନ ଆଇନଗତ ଅଧିକାରକୁ ଉଲ୍ଲଘନ କରୁଛନ୍ତି । ପାହାଡ଼ ପଦର ପ□ାୟତ ଅଧୀନରେ ଥିବା ୨୦୦୪/୭୩୦ (୨ହଜାର ୪ଏକର ୭୩ ଡିସ୍ମିଲ ଜମିକୁ ବିନା ଗ୍ରାମସଭାର ସହମତିରେ କମ୍ପାନୀ ସ୍ୱାର୍ଥ ପାଇଁ ଲେଣ୍ଡ ବ୍ୟାଙ୍କକୁ ଦିଆଯାଇଛି ଏହା ଆମର ସାମ୍ବିଧାନିକ ଅଧିକାରକୁ ଖୋଲାଖୋଲି ଭାବରେ ଉଲ୍ଲଘନ କରାଯାଇଛି । ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କମ୍ପାନୀର ଦଲାଲ ଗିରି କରି ଅଞ୍ଚଳ ବାସୀଙ୍କୁ ନାଲି ଆଖି ଦେଖାଉଛନ୍ତି । ଏହାକୁ ଆମେ କରାଇଦେବୁ ନାହିଁ ଜୀବନ ଥିବା ପର୍ଯ୍ୟନ୍ତ ମାଁ ମାଟିର ସୁରକ୍ଷା ପାଇଁ ଲଢେଇ ଜାରୀ ରହିବ । ଜଳ, ଜଙ୍ଗଲ, ଜମି ପ୍ରାକୃତିକ ସମ୍ବଳ ଓ ସାଂସ୍କୃତିକ ଐତିହର ସୁରକ୍ଷା ପାଇଁ ପାହାଡ଼ ପଦର ପଞ୍ଚାୟତରେ ଆଇନ ଗତ ଅଧିକାର ପାଇଁ ଗ୍ରାମ ସଭା ଜୋରିରୀ ଅଟେ ସେଥିପାଇଁ ପେସାଆଇନ କାର୍ଯ୍ୟକାରୀ ହେବାରେ ନିହାତି ଜରୁରୀ ଅଟେ। ପୁଞ୍ଜାମ ଗ୍ରାମର ସୀମା ଭିତରେ ଯେ କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗ୍ରାମସଭା ଓ ପୋଲିସଭା କରିବା ବାଧ୍ୟତା ମୂଳକ କିନ୍ତୁ ବିନା ଗ୍ରାମସଭା ଓ ପୋଲିସଭା ନ କରି ଏକର ଏକର ଜମିକୁ ଅଧିଗ୍ରହଣ କରାଗଲା କାଇଁକି ବୋଲି ଅଞ୍ଚଳ ବାସି ଲାଞ୍ଜିଗଡ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଗରିବଙ୍କ ଉପରେ ନିରାମୟ ଛାଟ

# ଶାରୀରିକ ଠୁ ଭୟଙ୍କର ଆର୍ଥିକ ଯନ୍ତ୍ରଣା



ଅସ୍ତରଙ୍ଗ(ମହାଭାରତ) : ରାଜ୍ୟ ସରକାର ଅସହାୟ ଗରିବ ଚାଷୀ ଶ୍ରମିକ ଦିନ ମଜୁରିଆଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ମାଗଣା ରକ୍ତ ଓ କଫ ପରୀକ୍ଷା ପାଇଁ ନିଦାନ ରେ ବ୍ୟବସ୍ଥା ସହିତ ମୁକ୍ତ ଭାବେ ଔଷଧ ଖାଇବାକୁ ନିରାମୟ ର ସୁବ୍ୟବସ୍ଥା କରିଛନ୍ତି, ମାତ୍ର ପ୍ରତ୍ୟେକ ଦିନ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ରୋଗୀ ମାନଙ୍କ ଲମ୍ବା ଲାଇନ ଲାଗିଛି,ନିରାମୟ ଅପେକ୍ଷା ବାହାରେ ଅନେକ ଘରୋଇ ଔଷଧ ଦୋକାନ ରେ ଦେଖିବାକୁ ମିଳୁଛି ଭିଡ଼, ହାତରେ ଅସ୍ତରଙ୍ଗ ଡାକ୍ତରଖାନା ର ଚିଠା, ଏପରିକି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଆଣ୍ଟିବାୟୋଟିକ, ଦରଜ ବିନ୍ଧା, ଭିଟାମିନ, ବାନ୍ତି ଓ ଗ୍ୟାସ ପାଇଁ ଅନେକ ମାଗଣା ଇଞ୍ଜେକ୍ସନ ଆସୁଥିବାବେଳେ ଡାକ୍ତର ମାନେ ଅନେକ ସମୟ ରେ ବାହାର ଔଷଧ ଦୋକାନ ରୁ ଲେଖୁଛନ୍ତି ଏହି ରୋଗ ସମ୍ବଧୀୟ ଇଞ୍ଜେକ୍ସନ, ଜଣେ ଚାଷୀ କି ଦିନ ମଜୁରିଆ ଲୋକ ଟିଏ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଛି ତାହାର କୌଣସି ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖାଗଲେ ତାକୁ ନିରାମୟ ରୁ ଔଷଧ ଆଣିଲେ ସେ ରୋଗ ରୁ ଉପଶମ ହେବ ମାତ୍ର ଯେତେବେଳେ ଡାକ୍ତର ଲେଖୁଛନ୍ତି ଏହାକୁ ବାହାରୁ ଆଣନ୍ତୁ ସେତେବେଳେ ଜଣେ ଦିନ ଦୁଖୀ ସହିତ କେବଳ ଶାରୀରିକ ଯନ୍ତ୍ରଣା ସହିତ ମାନସିକ ଓ ଆର୍ଥିକ ସମସ୍ୟା ଉଭୟ ଭାବେ ପ୍ରତିଫଳିତ ହେଉଛି, ସରକାର ଯେଉଁ ଔଷଧ ସବୁ ସାଧାରଣ ବର୍ଗ ଗରିବ ଅସହାୟ ଲୋକ ଙ୍କ ପାଇଁ ଦେଉଛନ୍ତି ନିରାମୟ ବ୍ୟବସ୍ଥା ମାଧ୍ୟମ ରେ ମାତ୍ର ଏହି ବ୍ୟତିକ୍ରମ କଣ ପାଇଁ ଆଜିବି ଦେଖିବାକୁ ମିଳୁଛି ତାହା ବାସ୍ତବିକ ଏକ ଚିନ୍ତା ର କାରଣ, ଏଥିରେ ସ୍ପଷ୍ଟୀକରଣ ଆସୁଛି ଯେ ରାଜ୍ୟ ସରକାର ଙ୍କ ନିୟମ ଅନୁସାରେ ଆସୁଥିବା ଔଷଧ ହୁଏତ ରୋଗୀ କ୍ଷେତ୍ର ରେ କାମ ଦେଉନାହିଁ ଅଥବା ଡାକ୍ତର ମାନଙ୍କ ବାହ୍ୟ କମିସନ ଆଦାୟ ରେ ସହାୟକ ସାଜୁଛି ବାହାରୁ ଔଷଧ ଆଣିଲେ, ଏବେ ବି ଦେଖିବାକୁ ମିଳୁଛି ଆୟୁଷ ଡାକ୍ତର ମାନେ ନିଜକୁ ଅଭିଜ୍ଞ ସମ୍ପନ୍ତ କରିବାକୁ ସାଧାରଣ ଭେଷଜ ବିଶେଷଜ୍ଞ ଙ୍କ ପରି ଲେଖୁଛନ୍ତି ହଜାର ହଜାର ଟଙ୍କା ରେ ଏଲୋପଥିକ ଔଷଧ, ଯାହା ସାଧାରଣ ରେ ସାଧାରଣ ଲୋକ ଙ୍କ ତଣ୍ଟି ଚିପିଲା ଭଳି ଲାଗୁଚି, ଏହି ବାବଦରେ ଅସ୍ତରଙ୍ଗ ରେ ଜଣେ ଜନପ୍ରତିନିଧି ପ୍ରଶାନ୍ତ ମହାନ୍ତି ଅଭିଯୋଗ ଉଠାଇଛନ୍ତି ସରକାର ଙ୍କ ନିରାମୟ ଯୋଜନା ବାଟ ମାରଣା କରାଯାଉଛି । ଏହି ବାବଦରେ ଉପରିସ୍ଥ ଅଧିକାରୀ ମାନେ ତଦନ୍ତ କରିବା ଆବଶ୍ୟକ, ବାସ୍ତବ ରେ ସରକାର ଙ୍କ ଠୁ ଲକ୍ଷାଧିକ ଟଙ୍କା ଦରମା ପାଉଥିବା ଡାକ୍ତର ମାନେ କଣ ପାଇଁ ନିରାମୟ ବ୍ୟବସ୍ଥା କୁ ଅଣଦେଖା କରିବା ସହ ବାହାର ଔଷଧ ଲେଖୁଛନ୍ତି ତାହା ତଦନ୍ତ ସାପେକ୍ଷ ହେବା ଦରକାର, ବର୍ତ୍ତମାନ ରାଜ୍ୟ ରେ ଡବଲ ଇଞ୍ଜିନ ସରକାର ଚାଲୁଚି, ଯାହାକୁ ନେଇ ରାଜ୍ୟ ସରକାର ବାରମ୍ବାର ଢେଙ୍ଗୁରା ପିଟୁଛନ୍ତି ସରକାର ଙ୍କ ବ୍ୟବସ୍ଥା ସଦା ସର୍ବଦା ସାଧାରଣ ଲୋକ ଙ୍କ ସପକ୍ଷ ରେ ମାତ୍ର କଣ ପାଇଁ ଏହା ବାଟ ମାରାଣ ହେଉଛି ତାହାକୁ ବିରୋଧୀ ମାନେ ପ୍ରଶ୍ନ ଉଠାଉଥିବା ବେଳେ ନିରାମୟ ବ୍ୟବସ୍ଥା ପ୍ରତି ସାଧାରଣ ବର୍ଗ ଲୋକ ଙ୍କ ଆସ୍ଥା ଏବେ ଭାଙ୍ଗୁଛି, ଏହି ବ୍ୟବସ୍ଥା ପ୍ରତି ଜିଲ୍ଲା ପ୍ରଶାସନ ନିରପେକ୍ଷ ଭାବେ ତଦନ୍ତ କରିବା ସହ ସାଧାରଣ ଲୋକ କିପରି ମୁକ୍ତ ଚିକିତ୍ସା ପାଇବେ ଏଥିପାଇଁ ଯତ୍ନବାନ ହେବା କୁ ସାଧାରଣ ରେ ଦାବୀ କରାଯାଇଛି ।

## ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବିଜେପିର ବ୍ଲୁ-ପ୍ରିଣ୍ଟ



ପଶ୍ଚିମବଙ୍ଗ : ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ବିଜେପିର ବ୍ଲୁ-ପ୍ରିଣ୍ଟ । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଓଡ଼ିଶା ନେତାଙ୍କ ରୁଦ୍ଧଦ୍ୱାର ବୈଠକ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପାଇଁ ବିଜେପି ଏହାର ରଣନୀତିକୁ ଜୋରଦାର କରିଛି । ଖଡ଼୍ଗପୁରରେ ଅମିତ ଶାହା ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଓଡ଼ିଶା ବିଜେପିର ବରିଷ୍ଠ ନେତାମାନେ ମଧ୍ୟ ସାମିଲ ହୋଇଥିଲେ । ଏପ୍ରିଲ ୨୩ ଏବଂ ୨୯ରେ ହେବାକୁ ଥିବା ଦୁଇଟି ପର୍ଯ୍ୟାୟ ନିର୍ବାଚନରେ ବିଜୟ ପାଇଁ ଏହି ବୈଠକରେ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । 'ମୋ ବୁଥ୍ ସବୁଠୁ ମଜଭୁତ' ସ୍ଲୋଗାନ ସହ ପ୍ରତିଟି ବୁଥକୁ ସଶକ୍ତ କରିବା ଏବଂ ଘରକୁ ଘର ବୁଲି ପ୍ରଚାର ଉପରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶାର ନେତାମାନେ ନିଜର ଅଭିଜ୍ଞତା ବାଣ୍ଟିଛନ୍ତି । ବୁଥ୍ ପରିଚାଳନା ଏବଂ ଭୋଟରଙ୍କୁ ଆକୃଷ୍ଟ କରିବାର କୌଶଳ ସମ୍ପର୍କରେ ସେମାନେ ପଶ୍ଚିମବଙ୍ଗ ବିଜେପି କର୍ମକର୍ତ୍ତାଙ୍କୁ ସହାୟତା କରିବେ । ଟିଏମସି ସରକାରର ଦୁର୍ନୀତି ଏବଂ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲୋକଙ୍କ ଆଗରେ ରଖି 'ପରିବର୍ତ୍ତନ'ର ସ୍ଲୋଗାନ ଦେବାକୁ ନିଷ୍ପତ୍ତି ହୋଇଛି । ସୋସିଆଲ ମିଡିଆ ମାଧ୍ୟମରେ ବିକାଶର ବାର୍ତ୍ତା ପହଞ୍ଚାଇବା ଏବଂ ବିରୋଧୀଙ୍କ ମିଥ୍ୟା ପ୍ରଚାରକୁ ରୋକିବା ପାଇଁ ଯୋଜନା ହୋଇଛି । ଶିଳ୍ପର ପୁନରୁଦ୍ଧାର, ମହିଳା ସୁରକ୍ଷା ଏବଂ ଶିକ୍ଷା ସଂସ୍କାର ଭଳି ପ୍ରତିଶ୍ରୁତିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ କୁହାଯାଇଛି । ଖଡ଼ଗପୁରରେ ବହୁ ସଂଖ୍ୟାରେ ଓଡ଼ିଆ ଭାଷାଭାଷୀ ଲୋକ ରହୁଥିବାରୁ ଏହି ଅଞ୍ଚଳରେ ବିଜେପି ଓଡ଼ିଶା ନେତାଙ୍କୁ ପ୍ରଚାର ମଇଦାନକୁ ଓହ୍ଲାଇ ଭୋଟ୍ ବଢ଼ାଇବାକୁ ଲକ୍ଷ୍ୟ ରଖିଛି । ଆସନ୍ତା ମେ ୪ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବ । ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାରେ ବିଜେପି ଏଥର ଏକ ବଡ଼ ଶକ୍ତି ଭାବେ ଉଭା ହେବାକୁ ପ୍ରୟାସ କରୁଛି । ୨୦୨୧ ନିର୍ବାଚନରେ ବିଜେପି ୭୭ଟି ଆସନ ଜିତିଥିବା ବେଳେ ଟିଏମସି ୨୧୩ଟି ଆସନ ପାଇଥିଲା । ଏଥର ବହୁମତ ସହ ସରକାର ଗଢ଼ିବାକୁ ବିଜେପି ଲକ୍ଷ୍ୟ ରଖିଛି ।

## ଭୂକମ୍ପ ଯୋଗୁଁ ଘର ଓ କମ୍ୟୁନିଟି ହଲରେ ଫାଟ, ତୀବ୍ରତା ୪.୭

ମହାରାଷ୍ଟ୍ର : ଆଜି ସକାଳୁ ମହାରାଷ୍ଟ୍ରର ହିଙ୍ଗୋଲିରେ ଭୂକମ୍ପ ଅନୁଭୂତ ହୋଇଛି । ଯାହାର ତୀବ୍ରତା ୪.୭ ଥିବା ଜଣାପଡିଛି । ପାଙ୍ଗରା ସିନ୍ଦେ ଗାଁରେ କିଛି ଘର ଏବଂ ଏକ କମ୍ୟୁନିଟି ହଲରେ ଫାଟ ଦେଖାଦେଇଛି ବୋଲି ହିଙ୍ଗୋଲି କଲେକ୍ଟର ରାହୁଲ ଗୁପ୍ତା କହିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସୁଦ୍ଧା କୌଣସି ମୃତାହତ କିମ୍ବା ସମ୍ପତ୍ତି କ୍ଷତିର କୌଣସି ସୂଚନା ମିଳିନାହିଁ । ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୮ଟା୪୫ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା । ଭୂକମ୍ପର କେନ୍ଦ୍ରସ୍ଥଳ ଭୂମିଠାରୁ ୧୦ କିଲୋମିଟର ଗଭୀରରେ ଥିଲା । ନିକଟସ୍ଥ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା ବୋଲି ମଧ୍ୟ ଅଧିକାରୀ କହିଛନ୍ତି । ଏଥିସହ ସୁରକ୍ଷା ପ୍ରୋଟୋକଲ ମାନିବାକୁ ସ୍ଥାନୀୟ ଲୋକଙ୍କୁ ସ୍ଥାନୀୟ କର୍ତ୍ତୃପକ୍ଷ ନିବେଦନ କରିଛନ୍ତି । ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ନାନ୍ଦେଡ଼ ଏବଂ ପରଭାନୀରେ ଜରୁରୀକାଳୀନ ପ୍ରତିକ୍ରିୟା ଦଳଗୁଡ଼ିକୁ ପ୍ରସ୍ତୁତ ରଖାଯାଇଛି । ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଟିଣ ଛାତ ଥିବା ଘରର ବାସିନ୍ଦାମାନଙ୍କୁ ଭାରୀ ପଥର ହଟାଇବା ଏବଂ ବୋଲ୍ଟ ସାହାଯ୍ୟରେ ଚାଦରଗୁଡ଼ିକୁ ସୁରକ୍ଷିତ ରଖିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି । ଭୂମିକମ୍ପର ସ୍ଥିତି ସମ୍ପର୍କରେ ଜରୁରୀକାଳୀନ ହେଲ୍ପଲାଇନକୁ କଲ୍ କରି ପ୍ରଶାସନକୁ ଜଣାଇବାକୁ ପରାମର୍ଶ ମଧ୍ୟ ଦିଆଯାଇଛି ।

## ଥମିବ ମଧ୍ୟପ୍ରାଚ୍ୟ ଯୁଦ୍ଧ ! ପାକିସ୍ତାନରେ ଆମେରିକା-ଇରାନ୍ ମଧ୍ୟରେ ଶାନ୍ତି ଆଲୋଚନା



ଆମେରିକା : ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ରୋକିବାକୁ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ପ୍ରତିନିଧି ଦଳ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଏବେ ପାକିସ୍ତାନର ରାଜଧାନୀ ଇସଲାମାବାଦ ପ୍ରସ୍ତୁତ । ଏହି ହାଇ-ପ୍ରୋଫାଇଲ୍ ବୈଠକ ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି । ସୂଚନାନୁଯାୟୀ, ସୁରକ୍ଷା ବ୍ୟବସ୍ଥା ପାଇଁ ଇସଲାମାବାଦକୁ ଏକ ସୁରକ୍ଷିତ ଦୁର୍ଗରେ ପରିଣତ କରାଯାଇଛି । ସହରରେ ୧୦ହଜାରରୁ ଅଧିକ ସାମରିକ ଏବଂ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଆମେରିକା ପକ୍ଷରୁ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ (ଔଊ ଠବଭମର) ନେତୃତ୍ୱ ନେଉଥିବା ବେଳେ ଇରାନର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଏବଂ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଗଚି ଇସଲାମାବାଦରେ ପହଞ୍ଚିଛନ୍ତି । ଏଥିସହ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧକୁ ବନ୍ଦ କରିବା ଏବଂ ଏକ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି । ଅନ୍ୟପଟେ ଆଲୋଚନା ପୂର୍ବରୁ ଜେଡି ଭାନ୍ସ ଇରାନକୁ ସତର୍କ କରାଇ କହିଛନ୍ତି ଯେ, ଆମେରିକା ଏହି ଆଲୋଚନା ପ୍ରତି ଗମ୍ଭୀର ଅଛି ଏବଂ ଇରାନ କୌଣସି ପ୍ରକାରର ଚତୁରତା କରିବା ଅନୁଚିତ୍ ।

# ଅଧିକ ତୀବ୍ର ହୋଇପାରେ ଯୁଦ୍ଧ: ଚୀନ ଇରାନକୁ ଅସ୍ତ୍ରଶସ୍ତ୍ର ପଠାଉଥିବା ଆମେରିକା ଗୁଇନ୍ଦା ସଂସ୍ଥାର ତଥ୍ୟ

ନୂଆଦିଲ୍ଲୀ: ଆମେରିକା ଓ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଯୁଦ୍ଧବିରତି ହୋଇଥିଲେ ମଧ୍ୟ, ଯୁଦ୍ଧ ଶେଷ ହୋଇନଥିବା ଓ ଆଗକୁ ହାଅଧିକ ତୀବ୍ର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଆମେରିକାର ସାମରିକ ବାହିନୀ ଓ ଯୁଦ୍ଧଜାହାଜ ଏବେବି ଇରାନ ନିକଟରେ ମୁତୟନ ହୋଇଛି । ତେହେରାନ ମଧ୍ୟ ଚୁପ୍ ବସିନାହିଁ । ଆମେରିକା ଗୁଇନ୍ଦା ସୂଚନା ଅନୁଯାୟୀ ଇରାନ ଆସନ୍ତା କିଛି ସପ୍ତାହ ମଧ୍ୟରେ ଚୀନଠାରୁ ନୂଆ ବାୟୁ ପ୍ରତିରକ୍ଷା ସିଷ୍ଟମ ପାଇବାକୁ ଯାଉଛି ବୋଲି ସିଏନ୍ଏନ୍ ଏହାର ରିପୋର୍ଟରେ ପ୍ରକାଶ କରିଛି ।



ମାସେ ଧରି ଚାଲିଥିବା ଯୁଦ୍ଧ ସମୟରେ ଚୀନ୍ ପ୍ରାୟତଃ ନିରବ ରହିଥିଲା । ଯୁଦ୍ଧବିରତି ଚୁକ୍ତି ପାଇଁ ସହଯୋଗୀ ଇରାନକୁ ସାମିଲ କରିବା ପାଇଁ ଶେଷ ମୁହୂର୍ତ୍ତରେ ହସ୍ତକ୍ଷେପ କରିଥିଲା । ତେବେ ଚୀନର ଯେକୌଣସି ପଦକ୍ଷେପକୁ ଆମେରିକା ଉତ୍ତେଜନାମୂଳକ ଭାବରେ ଦେଖିବାର ସମ୍ଭାବନା ରହିଛି । ଆସନ୍ତା ମାସରେ ସି ଜିନପିଙ୍ଗଙ୍କ ସହ ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବହୁ ପ୍ରତୀକ୍ଷିତ ଚୀନ୍ ଗସ୍ତ ଉପରେ ମଧ୍ୟ ପ୍ରଭାବ ପକାଇବାର ସମ୍ଭାବନା ରହିଛି । ତେବେ ଚୀନ୍ ଆମେରିକାର ଗୁଇନ୍ଦା ତଥ୍ୟକୁ ଖଣ୍ଡନ କରିଛି । ଚୀନ କୌଣସି ଯୁଦ୍ଧରତ ପକ୍ଷକୁ ଅସ୍ତ୍ରଶସ୍ତ୍ର ଯୋଗାଇ ନଥାଏ ବୋଲି ବେଜିଂ କହିଛି ।

ଆମେରିକା ଏପରି ଭିତ୍ତିହୀନ ଅଭିଯୋଗ କରିବା, ମନ୍ଦ ଉଦ୍ଦେଶ୍ୟ ରଖି ସମ୍ପର୍କ ସ୍ଥାପନ କରିବା ଏବଂ ଚାଞ୍ଚଲ୍ୟକର କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅନୁରୋଧ କରୁଛୁ ବୋଲି ଚୀନ୍ କହିଛି । ୱାସିଂଟନସ୍ଥିତ ଚୀନ ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଆମେ ଆଶା କରୁଛୁ ଯେ ସମ୍ପୃକ୍ତ ପକ୍ଷମାନେ ଉତ୍ତେଜନା ହ୍ରାସ କରିବାରେ ସାହାଯ୍ୟ କରିବା ପାଇଁ ଅଧିକ ପଦକ୍ଷେପ ନେବେ । ଇରାନ ଉପରେ କଠୋର ପ୍ରତିବନ୍ଧକ ଲାଗିଥିବାବେଳେ ଚୀନ୍ ଓ ରୁଷ୍ ନିଜର ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଓ ସାମରିକ ସହଯୋଗୀକୁ ସହାୟତା ?ଯୋଗାଇ ଆସୁଛନ୍ତି ।

ପାଶ୍ଚାତ୍ୟ କଟକଣାକୁ ପ୍ରଭାବହୀନ କରିବାକୁ ଉଭୟ ଇରାନକୁ ଦୃଢ଼ ସହାୟତା କରିଆନ୍ତି । ଗଲ୍ଫ ଦେଶରେ ଆମେରିକାର ସମ୍ପତ୍ତି ଉପରେ ଆକ୍ରମଣ କରିବାକୁ ରୁଷ୍ ଇରାନକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଆସୁଛି । ତେବେ ଚୀନ୍ ନିଜକୁ ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ସାମିଲ କରିବାକୁ ଚାହୁନାହିଁ । କେବଳ ଏଥିରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ଚୀନ୍‌କୁ ସହାୟତା ମାଗିବା ପରେ ବେଜିଂ ଚର୍ଚ୍ଚାକୁ ଆସିଥିଲା । ଚୀନ୍ ଇରାନକୁ ଯୁଦ୍ଧବିରତି ପାଇଁ ରାଜି କରାଇଥିଲା । ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଚୀନ୍‌ର ଭୂମିକାକୁ ସ୍ୱୀକାର କରିଥିଲେ ।

ଆମେରିକା ଗୁଇନ୍ଦା ତଥ୍ୟ ଅନୁଯାୟୀ, ଚୀନ ଇରାନକୁ କାନ୍ଧରେ ରଖି ଗୁଳିଚାଳନା କରାଯାଉଥିବା ବାୟୁ ପ୍ରତିରୋଧ କ୍ଷେପଣାସ୍ତ୍ର ସିଷ୍ଟମ (ମ୍ୟାନପ୍ୟାଡ) ପ୍ରଦାନ କରିପାରେ । ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଇରାନ ଅନେକ ବାୟୁ ପ୍ରତିରୋଧ ସିଷ୍ଟମ ନଷ୍ଟ ହୋଇଯାଇଥିବାବେଳେ ଇରାନ ଏହାକୁ ନିମ୍ନ ଆକାଶରେ ଉଡୁଥିବା ଆମେରିକା ବିମାନ ନଷ୍ଟ କରିବାରେ ବ୍ୟବହାର କରିପାରିବ । ଏହି ପୋର୍ଟେବଲ ବାୟୁ ପ୍ରତିରୋଧ ବ୍ୟବସ୍ଥା ଦ୍ୱାରା ଚଳିତ ମାସ ପ୍ରାରମ୍ଭରେ ଇରାନ ଆମେରିକାର ଏଫ୍-୧୫ଇ ଲଢୁଆ ବିମାନ ଓ ବ୍ଲାକ ହକ୍ ହେଲିକପ୍ଟରକୁ ନଷ୍ଟ କରିପାରିଥିଲା । ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ ଥର ଆମେରିକା ଯୁଦ୍ଧ ବିମାନକୁ ଶତ୍ରୁପକ୍ଷ ଖସାଇବାରେ ସଫଳ ହୋଇଥିଲା । ଇରାନ ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରିନଥିଲେ ମଧ୍ୟ ଆଇଆରଜିସି ଏହାକୁ ଏକ ଅତ୍ୟାଧୁନିକ ପ୍ରତିରକ୍ଷା ବ୍ୟବସ୍ଥା ବୋଲି କହିଥିଲା ।

ଚୀନ ଇରାନରୁ ୮୦% ତୈଳ ଆମଦାନୀ କରୁଥିବାବେଳେ ଇରାନର ସୁରକ୍ଷା ପାଇଁ ସିଧାସଳଖ ଯୁଦ୍ଧକୁ ଓହ୍ଲାଇବାକୁ ଚାହୁନାହିଁ । ଅନ୍ୟପକ୍ଷରେ ଚୀନ ଇରାନକୁ ଅସନ୍ତୁଷ୍ଟ କରିବାକୁ ଚାହୁନାହିଁ, ତେଣୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରି ତେହେରାନକୁ ନିଜ ହାତରେ ରଖିବାକୁ ଚାହୁଁଛି । ଇରାନ ରୁଷ୍‌ଠାରୁ ସ୍ୱଳ୍ପ ଦୂରଗାମୀ ଭର୍ବା ପୋର୍ଟେବଲ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପିତ ହୋଇପାରୁଥିବା କ୍ଷେପଣାସ୍ତ୍ର ପାଇବାକୁ ଯାଉଛି । ଏଥିପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଥିଲା । ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାକୁ ଚୀନ ଇରାନକୁ ବୈଷୟିକ ସହାୟତା ବିକ୍ରି କରିଆସୁଛି ।

## ୫ ବର୍ଷର ବାଳିକାଙ୍କୁ ବଳାତ୍କାର କରି ଅଖାରେ ବାନ୍ଧି ଫିଙ୍ଗିଦେଲେ

ଦୁର୍ଗ : ଛତିଶଗଡ଼ ଦୁର୍ଗ ଜିଲାରେ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି । ଜଣେ ୫ ବର୍ଷର ବାଳିକାଙ୍କୁ ଅପହରଣ କରି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ପୀଡ଼ିତାଙ୍କୁ ଅଭିଯୁକ୍ତ ଜଣକ ଅଖାରେ ଭର୍ତ୍ତିକରି ଏକ କୂଅ ନିକଟରେ ଫିଙ୍ଗି ଦେଇଥିଲେ । ପୋଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ନାବାଳିକା ଜଣକ ସ୍କୁଲରୁ ଘରକୁ ଫେରି ପାଖ ଦୋକାନକୁ ଚକୋଲେଟ୍ କିଣିବାକୁ ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ଧନେଶ୍ୱର ସାହୁ(୩୫) ନାବାଳିକାଙ୍କୁ ଚକୋଲେଟ୍ ଦେଇ ଘରେ ଛାଡ଼ିଦେବାର ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ । ଦୀର୍ଘ ସମୟ ଯାଏ ଝିଅ ଘରକୁ ନ ଫେରିବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ଖୋଜାଖୋଜି କରିଥିଲେ । ୨ ଘଣ୍ଟାର ତଲାସି ପରେ କୂଅ ନିକଟରେ ଏକ ଅଖା ହଲଚଲ ହେଉଥିବା ୨ଜଣ ଯୁବକ ଦେଖିବାକୁ ପାଇଥିଲେ । ଅଖା ଖୋଲିବାରୁ ନାବାଳିକା ଭିତରେ ଥିବା ଓ ପାଟିକୁ ବନ୍ଦ କରାଯାଇଥିବା ଦେଖାଯାଇଥିଲା । ଅନ୍ୟପକ୍ଷେ ନାବାଳିକା ଜଣକ ଭୟଭୀତ ଅବସ୍ଥାରେ ଥିଲେ । ଡାକ୍ତରୀ ପରୀକ୍ଷା ପରେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ସ୍ପଷ୍ଟ ହୋଇଛି । ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତ ଧନେଶ୍ୱରଙ୍କୁ ଗିରଫ କରିଛି ।

# ଚନ୍ଦ୍ରରୁ ଫେରିଲେ ନାସାର ୪ ମହାକାଶଚାରୀ, ସଫଳ ହେଲା ଆର୍ଟେମିସ୍-୨ ମିଶନ

ନୂଆଦିଲ୍ଲୀ : ଚନ୍ଦ୍ରରୁ ଫେରିଲେ ନାସାର ୪ ମହାକାଶଚାରୀ । ସଫଳ ହେଲା ଆର୍ଟେମିସ୍-୨ ଚନ୍ଦ୍ର ଅଭିଯାନ । ୪ ଲକ୍ଷ କିଲୋମିଟର ଦୂରରୁ ଫେରିଲେ ୪ ମହାକାଶଚାରୀ । ୯ ଦିନର ରୋମାଞ୍ଚକର ଯାତ୍ରା ଶେଷ । ଆଜି ଭୋରୁ ପ୍ରଶାନ୍ତ ମହାସାଗରର ସାନ ଡିଏଗୋ ଉପକୂଳରେ ସଫଳତାର ସହ ଅବତରଣ କଲା ଓରିଅନ ମହାକାଶ ଯାନ । ପ୍ରଶାନ୍ତ ମହାସାଗରର ନୀଳ ଜଳରାଶି ମଧ୍ୟରେ କ୍ୟାପସୁଲ୍ ଟି ସଫଳତାର ସହ ଅବତରଣ କରିଛି । ସବୁ ମହାକାଶଚାରୀ ସୁସ୍ଥ ଅଛନ୍ତି । ପୃଥିବୀର ବାୟୁମଣ୍ଡଳରେ ଓରିଅନ ମହାକାଶ ଯାନ ପ୍ରବେଶ କରିବା ସମୟରେ ଏକ ଭୟଙ୍କର ସ୍ଥିତି ଉପୁଜିଥିଲା । ପ୍ରବଳ ଘର୍ଷଣ ଓ ତାପମାତ୍ରା ଯୋଗୁଁ ପ୍ରାୟ ୬ ମିନିଟ୍ ପର୍ଯ୍ୟନ୍ତ ଗ୍ରାଉଣ୍ଡ କଣ୍ଟ୍ରୋଲ୍ ସହ ମହାକାଶଚାରୀଙ୍କର କୌଣସି ଯୋଗାଯୋଗ ହୋଇପାରିନଥିଲା । ସେହି ସମୟରେ ପୂରା ବିଶ୍ୱ



ଚିନ୍ତାରେ ଥିଲା । ଶେଷରେ ପାରାସୁଟ୍ ଖୋଲିବା ସହ ଯୋଗାଯୋଗ ସ୍ଥାପନ ହେବା ପରେ ସମସ୍ତେ ଆଶ୍ୱସ୍ତ ହୋଇଥିଲେ । ପ୍ରଶାନ୍ତ ମହାସାଗରରେ ସଫଳ ଅବତରଣ ପରେ ଆର୍ଟେମିସ୍-୨ ର ଚାରିଜଣ ମହାକାଶଚାରୀଙ୍କୁ ଓରିଅନ୍ ମହାକାଶ ଯାନରୁ ସୁରକ୍ଷିତ ଭାବେ ବାହାରକୁ ଅଣାଯାଇଛି । ସେମାନଙ୍କୁ ଏବେ ଆମେରିକୀୟ ନୌସେନାର ବିଶାଳ ଜାହାଜ 'ୟୁଏସ୍ଏସ୍ ଜନ୍ ପି. ମୁର୍ଥା' କୁ ନିଆଯାଇଛି । ନୌସେନା ଜାହାଜ 'ୟୁଏସ୍ଏସ୍ ଜନ୍ ପି. ମୁର୍ଥା' ଉପରେ ଆର୍ଟେମିସ୍-୨ ର ମହାକାଶଚାରୀମାନଙ୍କୁ ବେଶ୍ ଖୁସି ଥିବାର ଦେଖିବାକୁ ମିଳିଛି । ମହାକାଶରୁ ଫେରିବା ପରେ ସେମାନଙ୍କ ମୁହଁରେ ଏକ ବଡ଼ ହସ ରହିଥିଲା । ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲ୍ ଟିମ୍ ସହିତ ଯିବା ପୂର୍ବରୁ ସେମାନେ ଜାହାଜର ଡେକ୍ ଉପରେ କିଛି ସମୟ ଅପେକ୍ଷା କରିଥିଲେ । ଦୀର୍ଘ ଦିନର କଠିନ ମିଶନ ପରେ ସୁରକ୍ଷିତ ଭାବେ ପୃଥିବୀକୁ ଫେରିଥିବାରୁ ସେମାନେ ବେଶ୍ ଉତ୍ସାହିତ ଅଛନ୍ତି ।

## ଶତଚେଷ୍ଟା ସତ୍ତ୍ୱେ ଫେଲ ମାରିଲା ଉଦ୍ଧାର କାର୍ଯ୍ୟ, ୨୪ ଘଣ୍ଟା ପରେ ବୋରୱେଲ ଭିତରୁ ଉଦ୍ଧାର ହେଲା ଶିଶୁର ମୃତଦେହ

ଦୀର୍ଘ ୨୪ ଘଣ୍ଟା ପରେ ବୋରଓ୍ୱେଲ ଭିତରୁ ଉଦ୍ଧାର ହେଲା ୩ ବର୍ଷ ଶିଶୁର ମୃତଦେହ । ଉଦ୍ଧାରକାରୀ ଟିମର ଶତଚେଷ୍ଟା ସତ୍ତ୍ୱେ ସବୁ କିଛି ଫେଲ ମାରିଲା । ମଧ୍ୟପ୍ରଦେଶ ଉଜ୍ଜୟିନୀ ଜିଲ୍ଲାର ବଡନଗର ତହସିଲ ଅଞ୍ଚଳରେ ଜଣେ ଶିଶୁ ୭୦ ଫୁଟ ଗଭୀର ବୋରଓ୍ୱେଲ ଭିତରକୁ ଖସିପଡିଥିଲା । ଉଦ୍ଧାର କାର୍ଯ୍ୟରେ ଲାଗିଥିଲେ ଏନଡିଆରଏଫ, ଏସଡିଆରଏଫ ସହ ହୋମଗାର୍ଡ, ଅଗ୍ନିଶମ ବିଭାଗର କର୍ମଚାରୀ ଓ ଅଧିକାରୀ । ସୂଚନା ଅନୁଯାୟୀ, ଗତ ଗୁରୁବାର ରାତି ପ୍ରାୟ ୮ଟାରେ ଶିଶୁଟି ଘର ଅଗଣାରେ ଖେଳୁଥିଲା । ଏହି ସମୟରେ ଅସାବଧାନ ବଶତଃ ଘର ନିକଟରେ ଖୋଳାଯାଇଥିବା ଏକ ବୋରଓ୍ୱେଲ ଭିତରକୁ ଖସିପଡିଥିଲା । ବୋରଓ୍ୱେଲ ଭିତରକୁ ଖସିପଡ଼ିଥିବା ଶିଶୁ ପ୍ରବୀଣ ଦେବାସିଙ୍କ ପୁଅ ଭଗିରଥ । ଭଗିରଥ ତାଙ୍କ ମାଆଙ୍କ ନିକଟରେ ଖେଳୁଥିବା ବେଳେ ହଠାତ ଗଭୀର ବୋରଓ୍ୱେଲ ଭିତରକୁ ଖସିପଡିଲା । ଏନେଇ ମାଆ ଜାଣିବା ପରେ ସ୍ଥାନୀୟ ଲୋକଙ୍କୁ ଜଣାଥିଲେ । ସ୍ଥାନୀୟ ପୋଲିସ ଓ ଜିଲ୍ଲା ପ୍ରଶାସନକୁ ଗାଁ ଲୋକେ ଖବର ଦେବା ପରେ ତୁରନ୍ତ ଆରମ୍ଭ ହୋଇଥିଲା ରେସକ୍ୟୁ ଅପରେସନ । ଜିଲ୍ଲାପାଳ ରୋସନ କୁମାର ସିଂହ ଏବଂ ଏସପି ପ୍ରଦୀପ ଶର୍ମା ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଉଦ୍ଧାର କାର୍ଯ୍ୟରେ ପ୍ରାୟ ୧୨ଟି ପୋକଲିନ, ଜେସିବି ଆଦି ଲାଗିଥିଲା । ଛୋଟ ପିଲାଟି ପାଖରେ ପହଞ୍ଚିବାକୁ ବୋରଓ୍ୱେଲ ନିକଟରେ ସମାନ୍ତରାଳ ଭାବେ ଗାତ ଖୋଳାଯାଇଥିଲା । ପିନ୍ ହୋଲ୍ କ୍ୟାମେରା ସହାୟତାରେ ପିଲାଟିର ଅବସ୍ଥିତ ଉପରେ ନଜର ରଖାଯାଇଥିଲା । ଏମିତିକି ପାଇପ ସହାୟତାରେ ପିଲାଟି ପାଖରେ ଅକ୍ସିଜେନ ପହଞ୍ଚା ଯାଇଥିଲା । ଶେଷରେ ଜୀବନ୍ତ ନୁହେଁ ପିଲାଟିର ମୃତଦେହ ଉଦ୍ଧାର କରିଥିଲେ ଉଦ୍ଧାରକାରୀ ଟିମ ।

# ଭାରତୀୟଙ୍କ ଭଲପାଇବା ଆଗରେ ନତମସ୍ତକ ଇରାନ: କହିଲା- ଆଉ ସାହାଯ୍ୟ ଦରକାର ନାହିଁ'

ନୂଆଦିଲ୍ଲୀ : "ବିପଦ ବେଳର ବନ୍ଧୁ ହିଁ ପ୍ରକୃତ ବନ୍ଧୁ" – ଏହି କଥାକୁ ପୁଣିଥରେ ପ୍ରମାଣିତ କରିଛନ୍ତି ଭାରତବାସୀ । ଆମେରିକା ଏବଂ ଇସ୍ରାଏଲ ସହ ଜାରି ରହିଥିବା ସାମରିକ ତିକ୍ତତା ମଧ୍ୟରେ ଇରାନ ଯେତେବେଳେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲା, ସେତେବେଳେ ଭାରତର କୋଣ ଅନୁକୋଣରୁ ସାହାଯ୍ୟର ହାତ ବଢ଼ାଇଥିଲେ ସାଧାରଣ ଜନତା । ଭାରତୀୟଙ୍କ ଏହି ଅକୁଣ୍ଠ ସମର୍ଥନ ଏବଂ ଅତୁଟ ଭଲପାଇବା ଦେଖି ଏବେ ଭାରତରେ ଥିବା ଇରାନ ଦୂତାବାସ ଏକ ଭାବପ୍ରବଣ ସନ୍ଦେଶ ଜାରି କରିଛି । ଇରାନ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଆର୍ଥିକ ସହାୟତା ପାଇଁ ଜାରି କରାଯାଇଥିବା ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଏବଂ କ୍ୟୁଆର୍




(ଛଜ) କୋଡ୍‌କୁ ବନ୍ଦ କରି ଦିଆଯାଇଛି । ଇରାନ ଏକ ସ୍ପଷ୍ଟ ସନ୍ଦେଶ ଦେଇ କହିଛି ଯେ, ଭାରତର ଜନତା ଆଶାଠାରୁ ଅଧିକ ସହଯୋଗ କରିସାରିଛନ୍ତି, ତେଣୁ ଏବେ ଆଉ ଅଧିକ ଅର୍ଥ ପଠାଇବାର ଆବଶ୍ୟକତା ନାହିଁ । ସୋସିଆଲ ମିଡିଆରେ ଇରାନ କହିଛି, "ଭାରତର ଲୋକମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରଶଂସନୀୟ ସହଯୋଗ ଏବଂ ଅତୁଟ ସମର୍ଥନ ପାଇଁ ଆମେ ହୃଦୟରୁ କୃତଜ୍ଞ । ଆମେ ସୂଚନା ଦେଉଛୁ ଯେ ସହାୟତା ପାଇଁ ଖୋଲାଯାଇଥିବା ଆକାଉଣ୍ଟଗୁଡ଼ିକୁ ଏବେ ବନ୍ଦ କରାଯାଇଛି । ଦୟାକରି ଆଉ ଅର୍ଥ ପଠାନ୍ତୁ ନାହିଁ ।" ତେବେ ସହାୟତା ପ୍ରଦାନ କରିବାରେ କାଶ୍ମୀରର ଦୃଶ୍ୟ ସାରା ବିଶ୍ୱକୁ ଚକିତ କରିଛି । ଲୋକମାନେ କେବଳ ଟଙ୍କା ନୁହେଁ, ବରଂ ସୁନା, ରୁପା ଏବଂ ନିଜ ଘରର ପିତ୍ତଳ ଓ ତମ୍ବା ବାସନକୁସନ ମଧ୍ୟ ଇରାନକୁ ଦାନ କରିଦେଇଛନ୍ତି । କାଶ୍ମୀରର ଛୋଟ ଛୋଟ ଝିଅମାନେ ନିଜ କାନରୁ ସୁନା ଫୁଲ ଖୋଲି ଦେଇଥିବା ବେଳେ, ଅନେକ ଶିଶୁ ନିଜର ବର୍ଷ ବର୍ଷର ଜମା ପୁଞ୍ଜି ବା 'ମାଟି ହୁଣ୍ଡି' (ଏଙ୍କସକ୍ଷକ୍ଷବଳ) ଦୂତାବାସକୁ ହସ୍ତାନ୍ତର କରିଛନ୍ତି । ଦୂତାବାସ ଜଣେ ବୃଦ୍ଧାଙ୍କ ଫଟୋ ଶେୟାର କରିଛି, ଯିଏ ନିଜ ପୂର୍ବପୁରୁଷଙ୍କ ଶେଷ ସ୍ମୃତି ଭାବେ ରଖିଥିବା ଅଳଙ୍କାରକୁ ମଧ୍ୟ ଇରାନ ପାଇଁ ଉତ୍ସର୍ଗ କରିଦେଇଛନ୍ତି । ଭାରତରୁ ଏହିପରି ଭାବେ କୋଟି କୋଟି ଟଙ୍କାର ସହାୟତା ରାଶି ଏକତ୍ରିତ ହୋଇଛି, ଯାହା ଭାରତ ଓ ଇରାନ ମଧ୍ୟରେ ଥିବା ସାଂସ୍କୃତିକ ଏବଂ ଆବେଗିକ ସମ୍ପର୍କକୁ ଆହୁରି ମଜବୁତ କରିଛି ।

## ମର୍ମନ୍ତୁଦ ଦୁର୍ଘଟଣା: ଚାଲିଗଲା ୧୦ଜୀବନ

କଟିହାର : ବିହାରର କଟିହାର ଜିଲାରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବସ୍, ଟ୍ରକ୍ ଏବଂ ପିକ୍‌ଅପ୍ ମଧ୍ୟରେ ଧକ୍କା ହୋଇ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ରୁ ଅଧିକ ଆହତ ହୋଇଛନ୍ତି । ଜିଲାର କୋଧା ବ୍ଲକ୍ ଅନ୍ତର୍ଗତ ୩୧ ନମ୍ବର ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି । ଆହତମାନଙ୍କୁ ନିକଟବର୍ତ୍ତୀ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଏସ୍‌ପି ଶିଖର ଚୌଧରୀ ଆଶଙ୍କା ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ବେପରୁଆ ଗାଡ଼ି ଚାଳନାରୁ ଏହି ଦୁର୍ଘଟଣା ଘଟିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।

ଭୁବନେଶ୍ୱର, ରବିବାର ୧୨ ଏପ୍ରିଲ ୨୦୨୬
Bhubaneswar, Sunday 12 April, 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ


# ବୈଭବ-ଜୁରେଲ ଝଡ଼ରେ ଆରସିବି ଘାଇଲା

ନୂଆଦିଲ୍ଲୀ, ୧୧/୦୪; ପ୍ରଥମ ମ୍ୟାଚ୍‌ରେ ଗୌହାଟୀରେ ଚେନ୍ନାଇକୁ । ଦ୍ୱିତୀୟ ମ୍ୟାଚ୍‌ରେ ଅହମ୍ମଦାବାଦରେ ଗୁଜରାଟକୁ । ତୃତୀୟ ମ୍ୟାଚ୍‌ରେ ଗୌହାଟୀରେ ମୁମ୍ବାଇ ଏବଂ ଚତୁର୍ଥ ମ୍ୟାଚ୍‌ରେ ଡିଫେଣ୍ଡି ଚାମ୍ପିଅନ ବେଙ୍ଗାଲୁରୁକୁ ମାତ୍ ଦେଇଛି । ଚଳିତ ଆଇପିଏଲ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁକୁ ପ୍ରଥମ କରି ପରାଜୟର ସ୍ୱାଦ ଚଖାଇଛି ରାଜସ୍ଥାନ । ପ୍ରଥମ ୨ଟି ମ୍ୟାଚ୍‌ରେ ଏକତରଫା ବିଜୟ ହାସଲ କରିଥିବା ବେଙ୍ଗାଲୁରୁ ଶୁକ୍ରବାର

## ୬ ୱିକେଟରେ ହାରିଲା ଡିଫେଣ୍ଡି ଚାମ୍ପିଅନ



ଅନୁଷ୍ଠିତ ୧୬ତମ ଲିଗ୍ ମୁକାବିଲାରେ ରାଜସ୍ଥାନ ଠାରୁ ୬ ୱିକେଟ୍‌ରେ ପରାଜିତ ହୋଇଛି । ରାଜସ୍ଥାନର ବୈଭବ ସୂର୍ଯ୍ୟବଂଶୀ ଏବଂ ଧ୍ରୁବ ଜୁରେଲ ବିସ୍ଫୋରକ ପାଳି ଖେଳିଥିଲେ । ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବେଙ୍ଗାଲୁରୁ ୮ ୱିକେଟ୍ ବିନିମୟରେ ୨୦୧ ରନ ସଂଗ୍ରହ କରିଥିଲା । ଜବାବରେ ରାଜସ୍ଥାନ ୧୮ ଓଭରରେ ୪ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । କ୍ରମାନ୍ୱୟରେ ୪ଟି ମ୍ୟାଚ୍ ଜିତି ୮ ପଏଣ୍ଟ ସହ ରାଜସ୍ଥାନ ପଏଣ୍ଟ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି । ଦୁର୍ଦ୍ଧର୍ଷ ବ୍ୟାଟିଂ ପ୍ରଦର୍ଶନ ପାଇଁ ବୈଭବ ସୂର୍ଯ୍ୟବଂଶୀ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ ।

ବର୍ଷା ଯୋଗୁଁ ୪୦ ମିନିଟ୍ ବିଳମ୍ବରେ ଖେଳ ଆରମ୍ଭ ହୋଇଥିଲା । ଟସ ଜିତି ରାଜସ୍ଥାନ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ବେଙ୍ଗାଲୁରୁ ଦଳରେ ଗୋଟିଏ ପରିବର୍ତ୍ତନ କରାଯାଇଥିଲା । ପ୍ରଥମ ୨ଟି ମ୍ୟାଚ୍‌ରେ ୫ଟି ୱିକେଟ୍ ନେଇଥିବା ଜାକବ ଡଫିଙ୍କ ସ୍ଥାନରେ ଜୋସ ହାଜେଲଉଡ୍ ଏକାଦଶକୁ ଫେରିଥିଲେ । ବେଙ୍ଗାଲୁରୁ ପ୍ରଥମ ବଲ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା । ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ ଫିଲ ସଲ୍ଟ । ଏହାପରେ ଦେବଦତ୍ତ ପାଡିକଲ ଅପରାଜିତ ଓପନର ବିରାଟ କୋହଲିଙ୍କ ସହ ମିଶି ୪୫ ରନ୍‌ର ଭାଗିଦାରୀ ଗଠନ କରିଥିଲେ । ପାଡିକଲ ୧୪ ରନ କରି ଆଉଟ୍ ହେବା ପରେ ଦଳର ବିପର୍ଯ୍ୟୟ ଆରମ୍ଭ ହୋଇଥିଲା । କୋହଲି ୩୨ (୭ଚୌକା), କୃନାଲ ପାଣ୍ଡ୍ୟା ୧, ଜିତେଶ ଶର୍ମା ୫ ଓ ଟିମ ଡେଭିଡ୍ ୧୩ ରନ କରି ଆଉଟ୍ ହେବା ସହ ବେଙ୍ଗାଲୁରୁ ୯୪ ରନ୍‌ରେ ୬ଟି ୱିକେଟ୍ ହରାଇ ସଂକଟରେ ପଡି ଯାଇଥିଲା । ମାତ୍ର ଗୋଟିଏ ପଟେ ସତର୍କତାର ସହ ବ୍ୟାଟିଂ କରୁଥିବା ରଜତ ପାଟିଦାର ଆକ୍ରମଣାତ୍ମକ ସଟମାନ ଖେଳି ସ୍ଥିତି ସୁଧାରି ନେଇଥିଲେ । ସେ ରୋମାରିଓ ସେଫର୍ଡଙ୍କ ସହ ସପ୍ତମ ୱିକେଟ୍‌ରେ ୩୧ ରନ୍ ଓ ଭେଙ୍କଟେଶ ଆୟରଙ୍କ ସହ ଅଷ୍ଟମ ୱିକେଟ୍‌ରେ ୪୧ ରନ୍‌ର ଭାଗିଦାରୀ ଗଠନ କରିବା ଫଳରେ ଦଳୀୟ ସ୍କର ୨୦୧ରେ ପହଞ୍ଚି ଯାଇଥିଲା । ପାଟିଦାର ୪୦ଟି ବଲ୍‌ରେ ୪ଚୌକା ଓ ୪ଛକା ବଳରେ ୬୩ ରନ କରିଥିଲେ । ସେହିପରି ସେଫର୍ଡ ୧୧ଟି ବଲ୍‌ରେ ୨୨ (୨ଚୌକା, ୧ଛକା) ଓ ଇମ୍ପାକ୍ଟ ଖେଳାଳି ଭେଙ୍କଟେଶ ୧୫ଟି ବଲରେ ୧ଚୌକା ଓ ୨ ଛକା ବଳରେ ଅପରାଜିତ ୨୯ ରନ କରିଥିଲେ । ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର, ରବି ବିଷ୍ଣୋଇ ଓ ବ୍ରିଜେଶ ଶର୍ମା ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ ।

ଜବାବରେ ରାଜସ୍ଥାନ ପ୍ରଥମ ୧୧ଟି ବଲ୍‌ରେ ୨୧ ରନ ସଂଗ୍ରହ କରିଥିଲେ ହେଁ ୧୨ତମ ବଲ୍‌ରେ ୱିକେଟ୍ ହରାଇଥିଲା । ଯଶସ୍ୱୀ ଜୈସ୍ୱାଲ୍ ୧୩ ରନ କରି ଆଉଟ୍ ହୋଇଥିଲେ । ରାଜସ୍ଥାନର ଚତୁର୍ଥ ବିଜୟ ଆଇପିଏଲ୍-୧୯ ଡିଫେଣ୍ଡିଂ ଚାମ୍ପିଅନକୁ ୬ ୱିକେଟ୍‌ରେ ହରାଇଲା ଅନ୍ୟ ଓପନର ବୈଭବ ସୂର୍ଯ୍ୟବଂଶୀ ବେଙ୍ଗାଲୁରୁ ବୋଲରଙ୍କୁ ନିର୍ମମ ପ୍ରହାର କରିଥିଲେ । ତାଙ୍କ ସହ କ୍ରିଜରେ ଯୋଗ ଦେଇଥିବ ଧ୍ରୁବ ଜୁରେଲ ମଧ୍ୟ ଆକ୍ରମଣ ଜାରି ରଖିଥିଲେ । ପରବର୍ତ୍ତୀ ୬ଓଭର ପର୍ଯ୍ୟନ୍ତ ଗୌହାଟୀ ସହର ଉଭୟଙ୍କ ଛକାର ବିସ୍ଫୋରଣରେ କମ୍ପିଥିଲା । ୮ଓଭର ମଧ୍ୟରେ ଦଳୀୟ ସ୍କର ୧୨୯ରେ ପହଞ୍ଚି ଯାଇଥିଲା । ନବମ ଓଭର ବୋଲିଂ କରିବାକୁ ଆସିଥିଲେ କୃନାଲ ପାଣ୍ଡ୍ୟା ଓ ସୂର୍ଯ୍ୟବଂଶୀଙ୍କୁ ଆଉଟ୍ କରି ଦଳକୁ ଆଶ୍ୱସ୍ତ କରିଥିଲେ । ସୂର୍ଯ୍ୟବଂଶୀ ୨୬ଟି ବଲ୍‌ରେ ୮ ଚୌକା ଓ ୭ ଛକା ବଳରେ ୭୮ ରନ କରି ଆଉଟ୍ ହୋଇଥିଲେ ।

ପର ବଲ୍‌ରେ ସିମରନ ହେଟମାୟର ମଧ୍ୟ ବିଦାୟ ନେଇଥିଲେ । ହାଜେଲଉଡ୍ ଦଶମ ଓଭରରେ ରିୟାନ ପରାଗ (୩)ଙ୍କୁ ପାଭିଲିୟନ ପଠାଇଥିଲେ । ତଥାପି ରାଜସ୍ଥାନ ନିୟନ୍ତ୍ରଣରୁ ମ୍ୟାଚ୍ ଖସି ନଥିଲା । ଘରୋଇ ଦଳକୁ ବିଜୟ ପାଇଁ ୬୨ଟି ବଲ୍‌ରେ ୬୮ ରନ ଆବଶ୍ୟକ ହେଉଥିଲା । ବେଙ୍ଗାଲୁରୁ ବୋଲର ଆଉ ୱିକେଟ୍ ନେଇ ପାରିନଥିଲେ । ଅପରାଜିତ ଜୁରେଲଙ୍କ ସହ ରବିନ୍ଦ୍ର ଜାଡେଜା ମିଶି ଦଳକୁ ଜିତାଇଥିଲେ । ୨ ଓଭର ବାକି ଥାଇ ରାଜସ୍ଥାନ ବିଜୟ ହାସଲ କରିଥିଲା । ଜୁରେଲ ୪୩ଟି ବଲ୍‌ରେ ୮ ଚୌକା ଓ ୩ ଛକା ବଳରେ ଅପରାଜିତ ୮୧ ରନ କରିଥିଲେ । ଜାଡେଜା ୨୪ ରନ କରି ଅପରାଜିତ ରହିଥିଲେ । ବେଙ୍ଗାଲୁରୁ ପକ୍ଷରୁ ହାଜେଲଉଡ୍ ଓ କୃନାଲ୍ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ ।

## ସୂର୍ଯ୍ୟବଂଶୀଙ୍କୁ ନେଇ ଆଇପିଏଲ୍ ଚେୟାରମାନଙ୍କ ବୟାନ

ମୁମ୍ବାଇ, ୧୧/୪ : ବୈଭବ ସୂର୍ଯ୍ୟବଂଶୀ ଓଟଖ ୨୦୨୬ରେ ନିଜ ଧମାକାଦାର ବ୍ୟାଟିଂ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି । ଇଣ୍ଡିଆନ ପ୍ରିମିୟର ଲିଗର ଚେୟାରମ୍ୟାନ ଅରଣ ଧୁମଲ ବି ବୈଭବଙ୍କଠାରୁ ବହୁ ପ୍ରଭାବିତ ନଜର ଆସୁଛନ୍ତି । ସେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ତଥା ବିସିସିଆଇକୁ ବୈଭବଙ୍କୁ ଟିମ୍ ଇଣ୍ଡିଆରେ ସୁଯୋଗ ଦେବାକୁ ଦାବି କରିଛନ୍ତି । ଏବେ ପ୍ରଶ୍ନ ଉଠୁଛି କି ଏହି ଦାବି ପରେ ଭାରତୀୟ ବୋର୍ଡ଼ କ'ଣ କରିବ ।ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀ ଗତ ଶୁକ୍ରବାର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ରନ୍ ଚେଜରେ ବହୁ ଭଲ ପାଳି ଖେଳି ୨୬ବଲରେ ୮ଚୌକା ଏବଂ ୭ଛକା ସାହାଯ୍ୟରେ ୭୮ରନ୍ ସ୍କୋର କରିଥିଲେ । ଏହି ସମୟରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୩୦୦ର ଥିଲା । ବୈଭବ ଜୋଶ ହେଜଲବୁଡ୍ ଏବଂ ଭୁବନେଶ୍ୱର କୁମାରଙ୍କ ଭଳି ଭେଟରାନ ବୋଲରଙ୍କୁ ବି ଛାଡ଼ି ନଥିଲେ । ଆଇପିଏଲ୍ ଚେୟାରମ୍ୟାନ ଅରଣ ଧୁମଲ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଏକ୍ସରେ ବୈଭବଙ୍କୁ ନେଇ ଏକ ପୋଷ୍ଟ କରି ଲେଖିଥିଲେ କି, 'ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୬ ସିଜନରେ ବ୍ୟାଟିଂରେ ବହୁ ଭଲ ପ୍ରଦର୍ଶନ କରୁଛନ୍ତି । ପ୍ରଦର୍ଶନକୁ ଦେଖି ଏହି ପ୍ରତିଭାଶାଳୀ ଖେଳାଳୀ ନିଶ୍ଚିତ ରୂପରେ ଟିମ୍ ଇଣ୍ଡିଆ ଲାଗି ସବୁଠାରୁ କମ୍ ବୟସର ଖେଳାଳୀ ରୂପରେ ଡେବ୍ୟୁ କରିବାର ଦାବିଦାର ଅଟନ୍ତି ।' ପ୍ରକାଶ ଯେ, ଟିମ୍ ଇଣ୍ଡିଆ ଲାଗି ସବୁଠାରୁ କମ୍ ବୟସରେ ଡେବ୍ୟୁ କରିବାର ରେକର୍ଡ଼ ସଚିନ ତେନ୍ଦୁଲକରଙ୍କ ନାଁ ରହିଛି । ଯିଏ ୧୬ବର୍ଷ ବୟସରେ ଅନ୍ତରାଷ୍ଟ୍ରୀୟ ଡେବ୍ୟୁ କରିଥିଲେ ।

# ମୁମ୍ବାଇ ଇଣ୍ଡିଆନ୍ସରେ ରୋହିତଙ୍କର ୧୫ ବର୍ଷ

ନୂଆଦିଲ୍ଲୀ, ୧୧।୦୪; ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ସହିତ ୧୫ ବର୍ଷ ପୂରଣ କରିଛନ୍ତି । ଫ୍ରାଞ୍ଚାଇଜ୍ ତାଙ୍କୁ ୨୦୧୧ ମେଗା ନିଲାମରେ କିଣିଥିଲା । ଏହା ପୂର୍ବରୁ ସେ ଡେକାନ୍ ଚାର୍ଜର୍ସର ଅଂଶ ଥିଲେ । ସେହି ସିଜନରେ ମୁମ୍ବାଇ ଏପ୍ରିଲ ୧୦ ତାରିଖରେ ଦିଲ୍ଲୀ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିଥିଲା । ଏହା ଫ୍ରାଞ୍ଚାଇଜ୍ ପାଇଁ ରୋହିତ ଶର୍ମାଙ୍କର ମଧ୍ୟ ପ୍ରଥମ ମ୍ୟାଚ୍ ଥିଲା । ରୋହିତଙ୍କ ଅଧିନାୟକତ୍ୱରେ ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚଥର ଆଇପିଏଲ୍ ଟାଇଟଲ୍ ଜିତିଛି । ବର୍ତ୍ତମାନର ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ରୋହିତଙ୍କୁ ଫ୍ରାଞ୍ଚାଇଜ୍ ସହିତ ତାଙ୍କର ୧୫ ବର୍ଷ ପୂରଣ ଅବସରରେ ଏକ ଉପହାର ପ୍ରଦାନ କରିଛନ୍ତି ।



ରୋହିତଙ୍କ ବିଷୟରେ ହାର୍ଦ୍ଦିକ କଣ କହିଲେ ରୋହିତଙ୍କ ୧୫ ବର୍ଷ ପୂରଣ ଅବସରରେ, ମୁମ୍ବାଇ ଇଣ୍ଡିଆନ୍ସର ଏକ ଭିଡିଓରେ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି, 'ରୋ ୧୫ ବର୍ଷ ପୂରଣ କରିବା ପାଇଁ ଅଭିନନ୍ଦନ । ବର୍ଷ ବର୍ଷ ଧରି ତୁମେ ଏହି ଫ୍ରାଞ୍ଚାଇଜିର ନେତୃତ୍ୱ ନେଇଥିବାରୁ ପାଇଁ ଧନ୍ୟବାଦ । ମୁଁ ମୋର ଡେବ୍ୟୁ କରିଥିଲି, ବୁମ୍ କରିଥିଲା, ଏବଂ ଆମ ମଧ୍ୟରୁ ଅନେକ ତୁମର ଅଧିନାୟକତ୍ୱରେ ଡେବ୍ୟୁ କରିଥିଲେ । ଏହି ଫ୍ରାଞ୍ଚାଇଜି ଏବଂ ଭାରତ ପାଇଁ ଖେଳିବାକୁ ଆସିଥିବା ଏତେ ଲୋକଙ୍କୁ ପ୍ରେରଣା ଦେବା ପାଇଁ ଧନ୍ୟବାଦ । ଜଣେ ମଣିଷ ଭାବରେ, ତୁମେ ଆଶ୍ଚର୍ଯ୍ୟଜନକ ଏବଂ ଚମତ୍କାର । ତୁମେ ବହୁତ ବନ୍ଧୁତ୍ୱପୂର୍ଣ୍ଣ ଏବଂ ଖୋଲା ମନର । ତୁମେ ସବୁବେଳେ ସାମ୍ନାରୁ ନେତୃତ୍ୱ ନେଇଛ, ତେଣୁ ତୁମକୁ ଅଭିନନ୍ଦନ ଏବଂ ବର୍ଷ ବର୍ଷ ଧରି ତୁମେ ଯେଉଁଭଳି ଭାବରେ ଦଳକୁ ନେତୃତ୍ୱ ଦେଇଛ ସେଥିପାଇଁ ମୁଁ ତୁମକୁ ହୃଦୟର ଗଭୀରରୁ ଧନ୍ୟବାଦ ଜଣାଉଛି । 'ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ରୋହିତଙ୍କ ରେକର୍ଡ- ଡେକାନ ଚାର୍ଜର୍ସ ପାଇଁ ୩ ବର୍ଷ ଖେଳିବା ପରେ, ରୋହିତ ଶର୍ମା ୨୦୧୧ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସର୍ବାଧିକ ବିଡର ଥିଲେ । ସେହି ସିଜିନର ଚତୁର୍ଥ ସବୁଠାରୁ ମହଙ୍ଗା ଖେଳାଳି ଥିଲେ । ସେ ୨ ମିଲିୟନ ଡଲାରରେ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗ ଦେଇଥିଲେ । ୨୦୧୩ ସିଜିନର ମଧ୍ୟଭାଗରେ, ମୁମ୍ବାଇ ରୋହିତଙ୍କୁ ଅଧିନାୟକ କରିଥିଲା ଏବଂ ସେହି ସିଜିନରେ ଦଳ ପ୍ରଥମ ଥର ପାଇଁ ଚାମ୍ପିଅନ ହୋଇଥିଲା । ଏହା ପରେ, ମୁମ୍ବାଇ ଇଣ୍ଡିଆନ୍ସ ୨୦୧୫, ୨୦୧୭, ୨୦୧୯ ଏବଂ ୨୦୨୦ରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଆଇପିଏଲ ଟାଇଟଲ ଜିତିଥିଲା । ସେ ୨୦୨୩ ପର୍ଯ୍ୟନ୍ତ ଦଳର ଅଧିନାୟକ ଥିଲେ । ସେ ୧୫୮ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକତ୍ୱ କରିଥିଲେ ଏବଂ ଦଳ ସେଥିମଧ୍ୟରୁ ୮୭ଟିରେ ବିଜୟୀ ହୋଇଥିଲା ।

## କାହାକୁ ସମର୍ଥନ କରିବେ ସାରା

ନୂଆଦିଲ୍ଲୀ ୧୧।୦୪; ରବିବାର ଖେଳାଯିବ ଦୁଇଟି ମ୍ୟାଚ୍ । ଆଇପିଏଲର ୧୭ତମ ମ୍ୟାଚ୍‌ରେ ଭେଟାଭେଟି ହେବେ ଗୁଜୁରାଟ ଟାଇଟନ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ । ଅପରାହ୍ନରେ ଖେଳାଯିବାକୁ ଏହି ମ୍ୟାଚ୍ ବେଶ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି । ତେବେ ସାରା ତେନ୍ଦୁଲକର ଏହି ଦୁଇ ଦଳ ମଧ୍ୟରୁ କାହାକୁ କରିବେ ସମର୍ଥନ ଗୋଟିଏ ପଟେ ଶୁଭମନ ଗିଲ ଖେଳୁଥିବାବେଳେ ବିପକ୍ଷ ଦଳରେ ରହିଛନ୍ତି ଭାଇ ଅର୍ଜୁନ ତେନ୍ଦୁଲକର । ତେବେ ସେ କେଉଁ ଦଳର ସମର୍ଥନ କରିବେ ଏହାକୁ ନେଇ ତାଙ୍କୁ ଏକ ପ୍ରଶ୍ନ କରାଯାଇଥିବାବେଳେ ସେ ଦେଇଥିବା ଉତ୍ତର ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ୟୁଜର୍ସମାନେ ବିଭିନ୍ନ ମଜାଳିଆ କମେଣ୍ଟମାନ ଦେଉଥିବା ଦେଖିବାକୁ ମିଳିଛି ।ଭିଡିଓରେ ଦେଖିବାକୁ ମିଳିଛି କି, ଜଣେ ସାରାଙ୍କୁ ପଚାରୁଛନ୍ତି କି ତୁମେ କାହାକୁ କରିବ ସମର୍ଥନ ଲକ୍ଷ୍ନୌ ନା ଗୁଜୁରାଟ । ଏୟାରପୋର୍ଟରେ ଏହି ଭିଡିଓ ହୋଇଥିବାବେଳେ ସାରା ମୁରୁକି ହସି ଚାଲିଯାଉଛନ୍ତି । ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବା ଆରମ୍ଭ କରି ଦେଇଛି । କହି ରଖୁଛୁ କି, ସୋସିଆଲ ମିଡିଆରେ ଏକ ଚର୍ଚ୍ଚା ଦୀର୍ଘଦିନ ଧରି ଲାଗି ରହିଛି । ସାରା ଏବଂ ଗିଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଛି ।

# ବୈଭବଙ୍କ ତାରିଫ କଲେ କୋହଲି, ଦେଲେ ସ୍ୱଶାଳ ଗିଫ୍ଟ

ନୂଆଦିଲ୍ଲୀ, ୧୧।୦୪; ଆଇପିଏଲ ଚଳିତ ସିଜିନରେ କ୍ରିକେଟ ଫ୍ୟାନ୍ସଙ୍କ ମୁହଁରେ କେବଳ ଗୋଟିଏ ନାମ । ସେ ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ । ବ୍ୟାକ୍ ଟୁ ବ୍ୟାକ୍ ବିସ୍ଫୋରଣ ଘଟାଉଛନ୍ତି ବୈଭବ ସୂର୍ଯ୍ୟବଂଶୀ । ରାଜସ୍ଥାନ ଏବଂ ବେଙ୍ଗାଲୁରୁ ମ୍ୟାଚ୍ ପରେ ଏକ ଭାବପ୍ରବଣ ଏବଂ ସ୍ମରଣୀୟ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା, ଯାହା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ହୃଦୟ ଜିତିଛି । ଯେତେବେଳେ ବିରାଟ କୋହଲି ନିଜେ ଆରସିବି ବିପକ୍ଷ ମ୍ୟାଚ୍‌ରେ ଗୌହାଟୀ ଗ୍ରାଉଣ୍ଡରେ ନିଜ ବ୍ୟାଟ୍ ସହିତ ଝଡ଼ ସୃଷ୍ଟି କରିଥିବା ୧୫ ବର୍ଷୀୟ ଯୁବ ଖେଳାଳିଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ଲେଖିଥିଲେ । ଏହି ମୁହୂର୍ତ୍ତଟି ଆହୁରି ସ୍ୱତନ୍ତ୍ର ହୋଇଯାଇତିଲା ।

ରାଜସ୍ଥାନ ରୟାଲ୍ସର ଯୁବ ତାରକା ବୈଭବ ସୂର୍ଯ୍ୟବଂଶୀ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ୨୬ ବଲରେ ୭୮ ରନର ବିସ୍ଫୋରକ ଇନିଂସ ଖେଳି ତାଙ୍କ ଦଳକୁ ୬ୱିକେଟରେ ଚମତ୍କାର ବିଜୟ ଦେଇଥିଲେ । ୨୦୩ ରନର ଟାର୍ଗେଟକୁ ପିଛା କରି, ସୂର୍ଯ୍ୟବଂଶୀ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ । ଆରସିବି ବୋଲରମାନଙ୍କ ଉପରେ ଚାପ ପକାଇଥିଲେ । ମ୍ୟାଚ୍ ପରେ ଦୃଶ୍ୟ ଆହୁରି ସ୍ୱତନ୍ତ୍ର ହୋଇଯାଇଥିଲା ଯେତେବେଳେ ବିରାଟ କୋହଲି ସୂର୍ଯ୍ୟବଂଶୀଙ୍କ କ୍ୟାପ୍ ଉପରେ ଅଟୋଗ୍ରାଫ୍ ଦେଇଥିଲେ ଏବଂ ଲେଖିଥିଲେ, 'ପ୍ରିୟ ବୈଭବ, ବହୁତ ଭଲ ।' ଏହି ଛୋଟ ବାର୍ତ୍ତାଟି ସୋସିଆଲ ମିଡିଆରେ ଦ୍ରୁତ ଭାଇରାଲ ହୋଇଗଲା ଏବଂ ପ୍ରଶଂସକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟିଛି । ରାଜସ୍ଥାନ ରୟାଲ୍ସ ଇନଷ୍ଟାଗ୍ରାମରେ ବୈଭବ ସୂର୍ଯ୍ୟବଂଶୀ ଏବଂ ତାଙ୍କ କ୍ୟାପର ଏକ ଭିଡିଓ ସେୟାର କରିଛନ୍ତି ।ବୈଭବଙ୍କ ଇନିଂସକୁ ନେଇ ଭୁବନେଶ୍ୱର କୁମାର କହିଛନ୍ତି, 'ବୈଭବ ସୂର୍ଯ୍ୟବଂଶୀ ଜଣେ ୧୫ ବର୍ଷର ପିଲା ପାଇଁ ବହୁତ ପରିପକ୍ୱ । ସେ ସ୍ଲୋଗିଂ କରୁନାହାଁନ୍ତି, ସେ ସଠିକ୍ ସଟ୍ ଖେଳୁଛନ୍ତି । ସେ ଯେଉଁଭଳି ବ୍ୟାଟିଂ କରୁଛନ୍ତି ସେଥିପାଇଁ ସେ ସମସ୍ତ କ୍ରେଡିଟ୍ ପାଇବାକୁ ଯୋଗ୍ୟ ।'



## ଭାରତକୁ ମିଳିଲା ୧୩ ସ୍ୱର୍ଣ୍ଣ ପଦକ

ଶିମ୍ଲା, ୧୧।୪: ଭାରତୀୟ ଟେବୁଲ ଟେନିସ ଖେଳାଳି ସାଉଥ ଏସିଆନ ୟୁଥ୍ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ଆଧିପତ୍ୟ ବିସ୍ତାର କରି ସମସ୍ତ କାଟେଗୋରିରେ ମୋଟ ୧୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଏହି ଟୁର୍ନାମେଣ୍ଟକୁ ଏସିଆନ ୟୁଥ୍ ଚାମ୍ପିୟନଶିପ୍ ପାଇଁ ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି ।

୧୯ ବର୍ଷରୁ କମ୍ କାଟେଗୋରୀ ବାଳକ ସିଙ୍ଗଲ୍ସ ଫାଇନାଲରେ ଭାରତର ପ୍ରିୟାନୁଜ ଭଟ୍ଟାଚାର୍ଯ୍ୟ ନିଜ ଦେଶର ପୁନିତ୍ ବିଶ୍ୱାସଙ୍କୁ ୩-୧ରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ଡବଲ୍ସରେ ଏମ୍‌ଆର ବାଲ୍‌ମୁରୁଗାନ ଓ ମେହାନ ସେନ୍‌ଥିଲ ବାଂଲାଦେଶର ଅବୁଲ ହାସିବ ଓ ନାଫିଜ ଇକ୍‌ବଲଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି ।

୧୫ବର୍ଷରୁ କମ୍ ବିଭାଗ ଫାଇନାଲରେ ଆଦିତ୍ୟ ଦାସ ଭାରତର ଅକ୍ଷୟ କିରିକାରାଙ୍କୁ ପରାସ୍ତ କରିଛନ୍ତି । ଡବଲ୍ସ ଟାଇଟଲ ମଧ୍ୟ ଘରୋଇ ଯୋଡ଼ି ହାତେଇଛନ୍ତି । ରିଶାନ ଛଟ୍‌ଟୋପାଧ୍ୟାୟ ଓ ଆକାଶ ରାଜାଭେଲୁ ୫ ଗେମ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ନେପାଳକୁ ହରାଇ ଦେଇଛନ୍ତି ।ବାଳିକା ବିଭାଗର ୧୯ ବର୍ଷରୁ କମ୍ ଏକ ଅଲ-ଇଣ୍ଡିଆ ଫାଇନାଲରେ ଜେନିଫର ଭର୍ଗିଜ ଅନନ୍ୟା ମୁରଲୀଧରନଙ୍କୁ ପରାସ୍ତ କରିଥିବା ବେଳେ ଆହୋନା ରୟଙ୍କୁ ପରାସ୍ତ କରି ଅଙ୍କଲିକା ଚକ୍ରବର୍ତ୍ତୀ ୧୫ ବର୍ଷରୁ କମ୍ ଟାଇଟଲ ହାସଲ କରିଛନ୍ତି । ଭାରତ ଉଭୟ ବାଳିକା ଡବଲ୍ସ କାଟେଗୋରୀରେ କ୍ଲିନ ସୁଇପ୍ ହାସଲ କରିଛି । ମିକ୍ସଡ ଡବଲ୍ସ ଇଭେଣ୍ଟରେ ମଧ୍ୟ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା । ପ୍ରିୟାଂଶୁ ଓ ଜେନିଫର ୧୯ ବର୍ଷରୁ କମ୍ ଫାଇନାଲ ଜିତିଥିବା ବେଳେ ଅଙ୍କଲିକା ଚକ୍ରବର୍ତ୍ତୀଙ୍କୁ ସାଥୀ କର ଆଦିତ୍ୟ ଦାସ ଗୋଟିଏ ହେଲେ ଗେମ୍ ନ ହାରି ୧୫ ବର୍ଷରୁ କମ୍ ଟାଇଟଲ ଜିତିଛନ୍ତି ।

## ଭାରତୀୟ କନିଷ୍ଠ ମହିଳା ହକି ଦଳର ପ୍ରଶିକ୍ଷକ ଭାବେ ଟିମ୍ ହ୍ୱାଇଟ୍ ନିଯୁକ୍ତ

ନୂଆଦିଲ୍ଲୀ: ଭାରତୀୟ କନିଷ୍ଠ ମହିଳା ହକି ଦଳର ନୂଆ ପ୍ରଶିକ୍ଷକ ଭାବେ ଟିମ୍ ହ୍ୱାଇଟ୍‌ଙ୍କୁ ଶୁକ୍ରବାର ହକି ଇଣ୍ଡିଆ ନିଯୁକ୍ତି କରିଛି । ଅଷ୍ଟ୍ରେଲିଆର ଏହି ପ୍ରଶିକ୍ଷକ ଚଳିତ ବର୍ଷ ଜାନୁଆରିରୁ ହକି ଇଣ୍ଡିଆ ଲିଗ୍ ଦଳ ଆକୋର୍ଡ ତାମିଲନାଡୁ ଡ୍ରାଗନ୍ସର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନିର୍ବାହ କରୁଛନ୍ତି । ଏହା ପୂର୍ବରୁ ସେ ବେଲ୍‌ଜିୟମ୍ ଓ ଅଷ୍ଟ୍ରେଲିଆରେ ପ୍ରଶିକ୍ଷଣ ଦେବାର ଅଭିଜ୍ଞତା ରଖିଛନ୍ତି । ତାଙ୍କ ପ୍ରଶିକ୍ଷଣରେ ବେଲ୍‌ଜିୟମ୍ ୨୧ ବର୍ଷରୁ କମ୍ ମହିଳା ଦଳ ୨୦୨୫ କନିଷ୍ଠ ବିଶ୍ୱକପ୍‌ରେ କାଂସ୍ୟ ପଦକ ଜିତିଥିଲା । ୨୦୨୧ରୁ ୨୦୨୪ ମଧ୍ୟରେ ସେ ବେଲ୍‌ଜିୟମ୍ ଜାତୀୟ ମହିଳା ଦଳର ପ୍ରଶିକ୍ଷଣ ମଣ୍ଡଳିରେ ଥିଲେ । ଏହି ସମୟ ମଧ୍ୟରେ ବେଲ୍‌ଜିୟମ୍ ଦଳ ବିଶ୍ୱ ମାନ୍ୟତାରେ ୧୨ରୁ ୩ରେ ପହଞ୍ଚିଥିଲା ଏବଂ ପ୍ୟାରସ୍ ଅଲିମ୍ପିକ୍ସରେ ସେମିଫାଇନାଲ୍ ଖେଳିବାର ଗେରବ ପାଇଥିଲା । ତାଙ୍କ ପ୍ରଶିକ୍ଷଣରେ ମଧ୍ୟ ଅଷ୍ଟ୍ରେଲିଆ ଦଳ କନିଷ୍ଠ ବିଶ୍ୱକପ୍‌ରେ କାଂସ୍ୟ ପଦକ ପାଇବାକୁ ସକ୍ଷମ ହୋଇଥିଲା । ନିଯୁକ୍ତି ପରେ ହ୍ୱାଇଟ୍ କହିଛନ୍ତି, ତାମିଲନାଡୁ ଡ୍ରାଗନ୍ସର ପ୍ରଶିକ୍ଷକ ଭାବେ ଭାରତରେ ରହିବା ବେଳେ ମୁଁ ଏହି ଦେଶର ହକି ସଂସ୍କୃତିରେ ବିମୋହିତ ହୋଇଯାଇଛି । କନିଷ୍ଠ ବିଶ୍ୱକପ୍‌ରେ ଭାରତୀୟ ଯୁବପ୍ରତିଭାଙ୍କୁ ଦେଖିବାର ସୁଯୋଗ ପାଇଥିଲି । ଏହି ଉତ୍ସାହିତ ଖେଳାଳିଙ୍କ ସହ କାର୍ଯ୍ୟକରିବାର ମୋତେ ସୁଯୋଗ ମିଳିଥିବାରୁ ଆନନ୍ଦିତ । ମୋର ଲକ୍ଷ୍ୟ ରହିବ ଏହି ଯୁବ ପ୍ରତିଭାମାନେ କିଭଳି ଚମତ୍କାର ପ୍ରଦର୍ଶନ କରି ଆଗାମୀ ଦିନରେ ବରିଷ୍ଠ ଦଳରେ ନିୟମିତ ସଦସ୍ୟ ହୋଇପାରିବେ'' ।

## ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ଉଦଯାପିତ

# ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ଉଭୟ ବର୍ଗରେ ଓଡ଼ିଶା ଚ୍ୟାମ୍ପିୟନ୍

ଭୁବନେଶ୍ୱର, ୧୧।୪: ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ୨୦୨୫-୨୬ ର ୧୪ ବର୍ଷରୁ କମ୍ ବର୍ଗରେ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ବିଜୟୀ ହୋଇଛି ଏବଂ ଏଥିସହ ୫ ଦିନ ଧରି ଚାଲିଥିଲା ଜାତୀୟସ୍ତରୀୟ ପ୍ରତିଯୋଗିତା ଉଦଯାପିତ ହୋଇଛି । ୧୪ ବର୍ଷରୁ କମ୍ ଉଭୟ ବର୍ଗରେ ବିହାର ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି । କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଉଦଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ସେ ଉପସ୍ଥିତ ବିଜୟୀ ଦଳକୁ ପୁରସ୍କୃତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି । ଏଥିସହ ଯୁବ ଖେଳାଳିମାନଙ୍କର ଶୃଙ୍ଖଳା ଓ ଉତ୍ସାହକୁ ପ୍ରଶଂସା କରିଥିଲେ । ସେ କହିଛନ୍ତି ଯେ ଏପରି ମଂଚ କେବଳ କ୍ରୀଡା ପ୍ରତିଭାକୁ ଚିହ୍ନଟ କରିବାରେ ସୁଯୋଗ ଦେବ ନାହିଁ ବରଂ ଶିଶୁମାନଙ୍କ ମଧ୍ୟରେ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସହନଶୀଳତାକୁ ମଜବୁତ କରିବ । ଏହାସହ ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଓ ଗଣଶିକ୍ଷା







ବିଭାଗ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆୟୋଜନକୁ ପ୍ରଶଂସା କରିଥିଲେ ।

ବିଭାଗର କମିଶନର ତଥା ଶାସନ ସଚିବ ଡ଼ା ଏନ୍. ତିରୁମାଳା ନାୟକ ଖେଳାଳିମାନଙ୍କର ସମର୍ପଣ ଓ କ୍ରୀଡା ମନୋଭାବକୁ ପ୍ରଶଂସା କରିଥିଲେ । ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବିରେନ୍ଦ୍ର କରକରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟସ୍ତରରେ କ୍ରୀଡା ସଂସ୍କୃତିକୁ ସୁଦୃଢ଼ କରିବାରେ ବିଭାଗର ପ୍ରୟାସକୁ ଉଲ୍ଲେଖ କରିଥିଲେ ।ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ଶ୍ରୀ ପ୍ରିୟଦର୍ଶୀ ମିଶ୍ର ବିଦ୍ୟାଳୟ କ୍ରୀଡାର ବ୍ୟକ୍ତିତ୍ୱ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଚାମ୍ପିଅନସିପ୍ ସଫଳ ଆୟୋଜନ ପାଇଁ ସମସ୍ତ ଅଂଶୀଦାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । ଟୁର୍ଣ୍ଣାମେଂଟ ପର୍ଯ୍ୟବେକ୍ଷକ ଶ୍ରୀ ଅରବିନ୍ଦ ଯାଦବ ଓଡ଼ିଶାର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ । ପରିଶେଷରେ ସହକାରୀ ନିର୍ଦ୍ଦେଶକ (ପି.ଇ.ଟି) ଶ୍ରୀ ଜ୍ୟୋତି ପ୍ରସାଦ ପରିଡା ଧନ୍ୟବାଦ ଜ୍ଞାପନ କରିଥିଲେ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ